ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.42, Bhubaneswar Friday, March 20, 2020 | ୨୩ତମ ବର୍ଷ ସଂଖ୍ୟା-୪୨ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୦, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ରାଜ୍ୟର ସମସ୍ତ ପ୍ରାଣୀ ଉଦ୍ୟାନ ଏବଂ ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ

ଭୁବନେଶ୍ୱର, ୧୯।୩(ପି.ଏନ): ସମ୍ଭାବ୍ୟ କରୋନା ପରିସ୍ଥିତିରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଭିତରକନିକା ପ୍ରାକୃତିକ ଅଭୟାରଣ୍ୟ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ପରିଚାଳିତ ରାଜ୍ୟର ସମସ୍ତ ପରିବେଶ ପର୍ଯ୍ୟଟନସ୍ଥଳୀର ରାତ୍ର ରହଣୀ ବ୍ୟବସ୍ଥାର ବୁକିଂ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରଦ୍ଦ କରାଯାଇଛି। ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଦିନ ଭ୍ରମଣ ବ୍ୟବସ୍ଥାକୁ ମଧ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏହି ସମୟ ମଧ୍ୟରେ ବୁକିଂ କରିଥିବା ସମସ୍ତ ପର୍ଯ୍ୟଟକଙ୍କୁ ଶତପ୍ରତିଶତ ଅଗ୍ରୀମ ଅର୍ଥ ଫେରସ୍ତ ଦିଆଯିବ। ରାଜ୍ୟର ସମସ୍ତ ପ୍ରାଣୀ ଉଦ୍ୟାନ ଜନସାଧାରଣଙ୍କ ନିମନ୍ତେ ବର୍ତ୍ତମାନ ପାଇଁ ବନ୍ଦ ରହିବ। ସେହିଭଳି ଭୁବନେଶ୍ୱରସ୍ଥିତ ଜୟଦେବ ବାଟିକାକୁ ମଧ୍ୟ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଭୁବନେଶ୍ୱର ଆଂଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ରସ୍ଥିତ ବଟାନିକାଲ ଗାର୍ଡେନ ସର୍ବସାଧାରଣଙ୍କ ପାଇଁ ବର୍ତ୍ତମାନ ଦିନ ୨ଟା ପରେ ବନ୍ଦ ରହିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ସୂଚନା ଦିଆଯାଇଛି।

## ୟେସ୍ ବ୍ୟାଙ୍କରେ ଥିବା ମହାପ୍ରଭୁଙ୍କ ଟଙ୍କା ଫେରିଲା

ପୁରୀ/ଭୁବନେଶ୍ୱର ,୧୯।୩ (ପି.ଏନ): ୟେସ ବ୍ୟାଙ୍କରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ମଧ୍ୟରୁ ୩୮୯ କୋଟି ଟଙ୍କା ଓ ଏହା ବାବଦରେ ୮ କୋଟି ୨୩ ଲକ୍ଷ ୨୭ହଜାର ୬୩୬ ଟଙ୍କା ଗୁରୁବାର ଦିନ ଏସବିଆଇର ପୁରୀ ମୁଖ୍ୟ ଶାଖାକୁ ଫେରି ଆସିଛି। ୟେସ ବ୍ୟାଙ୍କ ପକ୍ଷରୁ ଗୁରୁବାର ଦିନ ୩୯୭ କୋଟି ( ୩୮୯ କୋଟି ଟଙ୍କା ମୂଳଧନ ଓ ୮ କୋଟି ୨୩ ଲକ୍ଷ ୨୭ହଜାର ୬୩୬ ଟଙ୍କା ସୁଧ) ଇ-ଟ୍ରାନସଫର ଜରିଆରେ ଏସବିଆଇର ମୁଖ୍ୟ ଶାଖାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର କର୍ପସ ଫଣ୍ଡକୁ ପଠାଇ ଦିଆ ଯାଇଛି । ୟେସ ବ୍ୟାଙ୍କର ଉପାଧ୍ୟକ୍ଷ ଜୟଦେବ ଦାସ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କିଶନ କୁମାରଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେହିପରି ବଳକା ୧୫୬ କୋଟି ଟଙ୍କାର ଜମା ଆଗାମୀ ୩୦ ତାରିଖ ଦିନ ମାଚ୍ୟୁରିଟି ଲାଭ କରୁଥିବାରୁ ସେହି ଦିନ ଏହି ଅର୍ଥ ସୁଧ ସହିତ ଏହି ବ୍ୟାଙ୍କ ଖାତାକୁ ଫେରାଇ ଦିଆଯିବ ବୋଲି ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ।ଉଲ୍ଲେଖନୀୟ ଯେ ୟେସ ବ୍ୟାଙ୍କରେ ଥିବା ମହାପ୍ରଭୁଙ୍କ ଟଙ୍କା ଫେରି ଆସିବ ବୋଲି ଗତକାଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଗଣମାଧ୍ୟମକୁ ସୂଚନା ଦେଇଥିଲେ।



କରୋନା ସମ୍ପର୍କିତ ତଥ୍ୟ ପ୍ରଦାନ କରୁଛନ୍ତି ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚି ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ

## ନିର୍ଭୟା ଦୋଷୀଙ୍କ ପାଇଁ ସବୁ ରାସ୍ତା ବନ୍ଦ, ଆଜି ଫାଶୀ : ନିର୍ଭୟା ଦୋଷୀ ମୁକେଶର ଆବେଦନ ଖାରଜ

ନୂଆଦିଲ୍ଲୀ, ୧୯।୩(ପି.ଏନ): ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ଦୋଷୀ ମୁକେଶର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଦୋଷୀମାନଙ୍କ ସମସ୍ତ ଆଇନଗତ ବିକଳ୍ପ ଶେଷ ହୋଇସାରିଛି। ବର୍ତ୍ତମାନ ସମସ୍ତ ଦୋଷୀଙ୍କୁ ଫାଶୀ ଦେବା ପାଇଁ ରାସ୍ତା ସଫା ହୋଇଯାଇଛି। ଆସନ୍ତାକାଲି ପୂର୍ବାହ୍ନ ୫ ଟା ୩୦ରେ ତିହାର ଜେଲ୍‌ରେ ଘଟଣାର ୪ ଦୋଷୀ ମୁକେଶ , ବିନୟ, ଅକ୍ଷୟ ଓ ପବନକୁ ଫାଶୀ ଦିଆଯିବ। ଏନେଇ ପୂର୍ବରୁ ଡେଥ୍ ୱାରେଂଟ ଜାରୀ ହୋଇସାରିଛି। ଉଲ୍ଲେଖଯୋଗ୍ୟ ଯେ ମାର୍ଚ୍ଚ ୧୮ ରେ, ହାଇକୋର୍ଟ ମୁକେଶଙ୍କ ଆବେଦନକୁ ଖାରଜ କରିଦେଇଥିଲେ।ଟ୍ରାଏଲ କୋର୍ଟ ଦ୍ୱାରା ଦିଆଯାଇଥିବା ମୃତ୍ୟୁଦଣ୍ଡାଦେଶକୁ ପ୍ରତ୍ୟାହାର ଦାବିରେ ହାଇକୋର୍ଟ ଖାରଜ କରିବାରୁ ମୁକେଶ ଚ୍ୟାଲେଞ୍ଜ କରିଥିଲେ। ମୁକେଶ ଆବେଦନରେ ଦର୍ଶାଇଥିଲା ଯେ ଘଟଣା ଦିନ ସେ ଦିଲ୍ଲୀରେ ନଥିଲା। ମାର୍ଚ୍ଚ ୧୭ ରେ, ପଟିଆଲା ହାଉସ କୋର୍ଟ ମୁକେଶର ଆବେଦନକୁ ଖାରଜ କରିଦେଇଥିଲେ। ମୁକେଶଙ୍କ ଓକିଲ ମନୋହର ଲାଲ ଶର୍ମା ଏକ ଆବେଦନ କରିଥିଲେ ଯେ ମୁକେଶଙ୍କୁ ୧୭ ଡିସେମ୍ବର ୨୦୧୨ ରେ ରାଜସ୍ଥାନରେ ଗିରଫ କରାଯାଇଥିଲା। ଶୁଣାଣି ସମୟରେ ମନୋହର ଲାଲ ଶର୍ମା ପ୍ରମାଣ ଆଇନର ଧାରା ୪୪ କୁ ଉଲ୍ଲେଖ କରିଛନ୍ତି। ମନୋହର ଲାଲ ଶର୍ମା କହିଛନ୍ତି ଯେ ୧୭ ଡିସେମ୍ବର ଦିନ ରାଜସ୍ଥାନର କରୌଲିରୁ ମୁକେଶକୁ ଗିରଫ କରାଯାଇଥିଲା ଏବଂ ପରେ ୧୬ ଡିସେମ୍ବର ସମୟ ଲେଖାଯାଇଥିଲା।

## ସଫଦରଜଙ୍ଗ ହସ୍ପିଟାଲର ସପ୍ତମ ମହଲାରୁ ଡେଇଁଲେ କରୋନା ସନ୍ଦିଗ୍ଧ, ଘଟଣାସ୍ଥଳରେ ମୃତ୍ୟୁ

ନୂଆଦିଲ୍ଲୀ, ୧୯।୩(ପି.ଏନ): କରୋନା ଭୂତାଣୁରେ ସଂକ୍ରମିତ ଜଣେ ରୋଗୀ ଯାଂଚ ରିପୋର୍ଟ ଆସିବା ପୂର୍ବରୁ ଜୀବନ ଯୁଦ୍ଧରେ ହାର ମାନି ନେଲେ। ବୁଧବାର ରାତି ପ୍ରାୟ ୯ଟାରେ ସଫଦରଜଙ୍ଗ ହସ୍ପିଟାଲର ଏସଏସବି କୋଠାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ହସ୍ପିଟାଲର ଏସଏସବି କୋଠାରେ ହିଁ କରୋନାର ସମସ୍ତ ସମ୍ଭାବିତ ରୋଗୀଙ୍କୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଉଛି। ମୃତକଙ୍କ ନାମ ୩୫ ବର୍ଷୀୟ ତରନଜିତ ସିଂହ। ସେ ପଞ୍ଜାବର ବାଲାଚୌର ଏସବିଏସ ନଗରର ନିବାସୀ ।ତରନଜିତ ସିଂହ ଏକ ବର୍ଷ ପୂର୍ବେ ସିଡନୀରେ ରହୁଥିଲେ। ବୁଧବାର ସକାଳେ ସେ ସିଡନୀରୁ ବିମାନ ସଂଖ୍ୟା ଏଆଇ ୩୦୧ରେ ଭାରତ ଫେରିଥିଲେ। ସେ ଆଇଜିଆଇ ବିମାନରେ ଓହ୍ଲାଇଥିଲେ। ପ୍ରାରମ୍ଭିକ ଯାଂଚ ବେଳେ ତାଙ୍କ ଠାରେ କରୋନା ଲକ୍ଷଣ ଦେଖିବାକୁ ମିଳିଥିଲା, ଏଥିପାଇଁ ତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ରକ୍ତ ନମୁନାର ଯାଂଚ ଲାଗି ଲ୍ୟାବକୁ ପଠାଯାଇଥିଲା।ମାତ୍ର ଯାଂଚ ରିପୋର୍ଟ ଆସିବା ପୂର୍ବରୁ ସେ ହାର ମାନି ନେଇଥିଲେ ଏବଂ ରାତି ପ୍ରାୟ ୯ଟାରେ ହସ୍ପିଟାଲର ସପ୍ତମ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ହସ୍ପିଟାଲର କର୍ମଚାରୀ ପୋଲିସଙ୍କୁ ଘଟଣାର ସୂଚନା ଦେଇଥିଲେ। ଛାତରୁ ତଳେ ପଡିବାର ପାଂଚ ମିନିଟ୍ ମଧ୍ୟରେ ଯୁବକ ଜଣକ ପ୍ରାଣ ହରାଇଥିଲେ। ଭୟ କାରଣରୁ ହସ୍ପିଟାଲର କୌଣସି କର୍ମଚାରୀ ତାଙ୍କ ପାଖ ପାଡିନଥିଲେ। କିଛି ସମୟ ପରେ ପୋଲିସ ବହୁ ସତର୍କତାପୂର୍ବକ ଶବ ପାଖରେ ପହଂଚି ଜାଗାକୁ ସିଲ୍ କରିଥିଲେ।ହସ୍ପିଟାଲ କର୍ତ୍ତୃପକ୍ଷ ଅନୁଯାୟୀ ରୋଗୀଙ୍କ ରକ୍ତ ନମୂନା ଯାଂଚ ଲାଗି ପଠାଯାଇଛି, ଏହାର ରିପୋର୍ଟ ଏବେ ସୁଦ୍ଧା ଆସିନାହିଁ। ରୋଗୀଙ୍କୁ ବହୁତ ଜୋରରେ ମୁଣ୍ଡବ୍ୟଥା ହେଉଥିଲା। ପୋଲିସ ଓ ହସ୍ପିଟାଲ କର୍ତ୍ତୃପକ୍ଷ ମାମଲାର ତଦନ୍ତରେ ଜୁଟିଛନ୍ତି।

## କରୋନା : ୬୧ ନମୂନାରୁ ୬୦ ନେଗେଟିଭ୍

ଭୁବନେଶ୍ୱର ,୧୯।୩(ପି.ଏନ): କରୋନା ଆଶଙ୍କା ନେଇ ଓଡ଼ିଶାରେ ୬୧ଟି ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୬୦ଟି କରୋନା ନେଗେଟିଭ୍ ଥିବାବେଳେ ଗୋଟିଏ ପଜିଟିଭ୍ ଚିହ୍ନଟ ହୋଇଛି । ଗତକାଲି ୫ଟି ନମୁନା ପରୀକ୍ଷା କରାଯାଇଥିଲା ଏବଂ ସେସବୁ କରୋନା ନେଗେଟିଭ୍ ରିପୋର୍ଟ ଆସିଛି ବୋଲି ମୁଖ୍ୟ ମୁଖପାତ୍ର ଶ୍ରୀ ସୁବ୍ରତୋ ବାଗ୍‌ଚୀ । ସେହିପରି ଗତ ୨୪ ଘଂଟା ମଧ୍ୟରେ ୧୦୪ ହେଲ ଲାଇନ୍‌କୁ ୧୨,୨୬୮ କଲ୍ ଆସିଛି। ଗୁରୁବାର ଅପରାହ୍ନ ୨ଟା ସୁଦ୍ଧା ବିଦେଶରୁ ଫେରିଥିବା ୨୬୦୦ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଛି । ସେହିପରି ଗୁରୁବାର ଅପରାହ୍ଣ ୨ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ କୋଭିଡ୍-୧୯ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୨୩ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ଡାକ୍ତରଖାନାରେ ଆଇସୋଲୋସନ୍‌ରେ ରଖାଯାଇଛି । ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ୍ କଲେଜ୍ ହସ୍‌ପିଟାଲ୍‌ଗୁଡ଼ିକରେ ଆଇସୋଲେସନ୍ ସୁବିଧା ଉପଲବ୍ଧ ଅଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ୩୧୮୩ଟି ଆଇସୋଲେସନ୍ ବେଡ୍ ପ୍ରସ୍ତୁତ ଅଛି । ସହରାଂଚଳରେ ୪୫୦ଟି କୋଠା ଚିହ୍ନଟ କରାଯାଇଛି ଯେଉଁଥିରେ କି ୫୧ ହଜାର ୧୬୦ଜଣ ବ୍ୟକ୍ତି ଏହାର ସୁବିଧା ନେଇପାରିବେ ବୋଲି ସେ କହିଛନ୍ତି । ଗୁରୁବାର ରାଜ୍ୟର ୬୭୯୮ଟି ଗ୍ରାମପଂଚାୟତରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କି ରାଜ୍ୟର ୨ ଲକ୍ଷ ୩୭ ହଜାର ପଂଚାୟତିରାଜ ପ୍ରତିନିଧି ଯୋଗ ଦେଇଥିଲେ। ଗ୍ରାମାଂଚଳରେ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟର ୬ ହଜାର ୭୯୮ଟି ଗ୍ରାମପଂଚାୟତର ୭ ହଜାର ୧୭୬ଟି ଅସ୍ଥାୟୀ ଚିକିତ୍ସା ଶିବିର ସ୍ଥାପନ କରାଯାଇଛି । ଫଳରେ ଶଯ୍ୟା ସଂଖ୍ୟା ୪ ଲକ୍ଷ ୨୨ ହଜାର ୪୨୬କୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

## ଭାରତ ଫେରିଲେ କୁଆଲାଲମ୍ପୁର ବିମାନବନ୍ଦରରେ ଫସିଥିବା ୪୦୫ ଭାରତୀୟ

ନୂଆଦିଲ୍ଲୀ, ୧୯।୩(ପି.ଏନ): କରୋନା ଭୂତାଣୁ କାରଣରୁ କୁଆଲାଲମ୍ପୁର ବିମାନ ବନ୍ଦରରେ ଫସିଥିବା ୪୦୫ ଭାରତୀୟଙ୍କୁ କେନ୍ଦ୍ର ସରକାର ସୁରକ୍ଷିତ ଫେରାଇ ଆଣିଛନ୍ତି। ଏଥିରେ ଛାତ୍ର ମଧ୍ୟ ସାମିଲ। ସମସ୍ତ ଭାରତୀୟଙ୍କୁ ନେଇ ଏୟାର ଏସିଆର ଦୁଇଟି ବିମାନ ବୁଧବାର ସନ୍ଧ୍ୟାରେ ଦିଲ୍ଲୀ ଓ ବିଶାଖାପାଟଣା ପହଂଚିଛି। କୁଆଲାଲମ୍ପୁର ବିମାନ ବନ୍ଦରରେ ଫସିଥିବା ଭରତୀୟଙ୍କୁ ଆଣିବା ଲାଗି ଭାରତ ସରକାର ମଙ୍ଗଳବାର ଏୟାର ଏସିଆ ଦିଲ୍ଲୀ ଓ ବିଶାଖାପାଟଣାର ବିମାନକୁ ମଞ୍ଜୁରୀ ଦେଇଥିଲେ। କରୋନା ଭୂତାଣୁ କାରଣରୁ କୁଆଲାଲମ୍ପୁର ବିମାନ ବନ୍ଦରରେ ଫସିଥିବା ୪୦୫ ଭାରତୀୟଙ୍କୁ ଆଣିବା ଲାଗି କେନ୍ଦ୍ର ସରକାର ଏୟାର ଏସିଆର ଦୁଇଟି ବିମାନକୁ ପଠାଯାଇଥିଲା ଯାହା ବୁଧବାର ସନ୍ଧ୍ୟାରେ ୪୦୫ ଭାରତୀୟଙ୍କୁ ନେଇ ଦିଲ୍ଲୀ ଓ ବିଶାଖାପାଟଣା ପହଂଚିଛି।ସମସ୍ତ ଯାତ୍ରୀ ସୁରକ୍ଷିତ ପହଂଚିବା ନେଇ ହାଇ କମିଶନର ଟୁଇଟ୍ କରି କହିଛନ୍ତି ଯେ, ଫସିଥିବା ୪୦୫ ଭାରତୀୟଙ୍କୁ କୁଆଲାଲମ୍ପୁରରୁ ଦିଲ୍ଲୀ ଓ ବିଶାଖାପାଟଣା ଆଣିଥିବାରୁ ଏୟାର ଏସିଆକୁ ଧନ୍ୟବାଦ। ହାଇ କମିଶନରର ଅଧିକାରୀ ମଧ୍ୟ ପ୍ରଶଂସାର ପାତ୍ର ଯେଉଁମାନେ ଏହି ଭାରତୀୟଙ୍କୁ ଆଣିବା ଲାଗି କ୍ରମାଗତ ପ୍ରୟାସ ଜାରି ରଖିଥିଲେ।ଅନ୍ୟପଟେ, ମାଲେସିଆର ରାଜଧାନୀ କୁଆଲାଲମ୍ପୁରରେ ଥିବା ଭାରତୀୟ ଉଚ୍ଚାୟୋଗ ବୁଧବାର କହିଛନ୍ତି ଏବେ ମଧ୍ୟ କିଛି ଭାରତୀୟ ବିମାନ ବନ୍ଦରରେ ଫସି ରହିଛନ୍ତି ଓ ସାମାଜିକ ଗଣ ମାଧ୍ୟମ ଜରିଆରେ ଭାରତ ସରକାରଙ୍କୁ ସାହାଯ୍ୟ ଲାଗି ନିବେଦନ କରିଛନ୍ତି।

## ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ

ମୁମ୍ବାଇ, ୧୯।୩(ପି.ଏନ): ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇ ଗୁରୁବାର ରାଜ୍ୟସଭା ସାଂସଦ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ସମୟରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ କରିବା ସହ କକ୍ଷତ୍ୟାଗ କରିଥିଲେ। ବିରୋଧୀଙ୍କ ଏହି ଆଚରଣକୁ ସମାଲୋଚନା କରିଛନ୍ତି ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ। ରାଜ୍ୟସଭାରେ ଉପସ୍ଥିତ ଥିବା ଆଇନ ମନ୍ତ୍ରୀ ପ୍ରସାଦ କହିଛନ୍ତି ଯେ, ଅନେକ ଗଣମାନ୍ୟ ବିଚାରପତି ଏହି ଗୃହର ଶୋଭା ବଢାଇଛନ୍ତି। ମାତ୍ର ବିରୋଧୀଙ୍କ ଏହି ପରି ବିରୋଧ ଲଜ୍ଜାଜନକ ଅଟେ। ହଟ୍ଟଗୋଳ ସମୟରେ ରାଜ୍ୟସଭା ସଭାପତି ଏମ ଭେଙ୍କେୟ ନାଇଡୁ କହିଛନ୍ତି ଯେ, ସମସ୍ତଙ୍କର ନିଜ ନିଜର ରାୟ ରହିଛି, ମାତ୍ର ଗୃହରେ ରାଷ୍ଟ୍ରପତିଙ୍କ ନିଷ୍ପତିକୁ ଏହି ପରି ବିରୋଧ କରିବା ଗ୍ରହଣୀୟ ନୁହଁ।ଉଲ୍ଲେଖନୀୟ, ରଞ୍ଜନ ଗୋଗୋଇ ହେଉଛନ୍ତି ଦେଶର ୪୬ତମ ପ୍ରଧାନ ବିଚାରପତି। ସେ ୨୦୧୮ ଅକ୍ଟୋବର ୩ରୁ ୨୦୧୯ ନଭେମ୍ବର ୧୭ ପର୍ଯ୍ୟନ୍ତ ଏହି ପଦଭାର ସମ୍ଭାଳିଥିଲେ। ୧୯୫୪ ନଭେମ୍ବର ୧୮ରେ ଆସାମରେ ଜନ୍ମିତ ଗୋଗୋଇ ଡିବ୍ରୁଗଡର ଡନ ବୋସ୍କୋ ଓ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ସେଂଟ ଷ୍ଟିଫେନ୍ସ କଲେଜରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ତାଙ୍କର ପିତା କେଶବ ଚନ୍ଦ୍ର ଗୋଗୋଇ ଆସାମର ମୁଖ୍ୟମନ୍ତ୍ରୀ ଥିଲେ। ଜଷ୍ଟିସ ରଞ୍ଜନ ଗୋଗୋଇ ୧୯୭୮ରେ ଓକିଲାତି ଲାଗି ନିଜର ନାମ ପଞ୍ଜୀକରଣ କରିଥିଲେ। ୨୦୦୧ ଫେବୃଆରୀ ୨୮ରେ ଗୋଗୋଇଙ୍କୁ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ଜଷ୍ଟିସ ରଞ୍ଜନ ଗୋଗୋଇ ୨୦୧୨ ଏପ୍ରିଲ ୨୩ରେ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧିଶ ହୋଇଥିଲେ।




## କଣାସ ବ୍ଲକରେ ୧୩ଟି ପ୍ରାଥମିକ ବିଦ୍ୟାଳୟ ଉଠିଯିବ : ୨୬ଟି ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟ ସହିତ ମିଶ୍ରଣ ହେବ

କଣାସ, ୧୯।୩(ପି.ଏନ): ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ କଟକଣା ଜାରି କରିଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ୧୩ଟି ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବାରୁ ଏସବୁ ସ୍କୁଲ ସମ୍ପୂର୍ଣ୍ଣ ଉଠିଯିବା ପାଇଁ ନିର୍ଦ୍ଦେଶ ଆସିଛି । ୨୧ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ବିଦ୍ୟାଳୟରେ ୪୦ରୁ କମ୍ ଛାତ୍ରଛାତ୍ରୀ ଥିବାରୁ ଉକ୍ତ ବିଦ୍ୟାଳୟ ଗୁଡିକ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ସରକାରୀ ନିଷ୍ପତି ହୋଇଥିବାବେଳେ ୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ୨୦ରୁ କମ୍ ପିଲା ଥିବାରୁ ଉକ୍ତ ବିଦ୍ୟାଳୟରୁ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀକୁ ବନ୍ଦ କରିଦିଆଯାଇ ଉକ୍ତ ପିଲାମାନଙ୍କୁ ପାଖ ବିଦ୍ୟାଳୟକୁ ନିଆଯିବାପାଇଁ ସରକାରୀ ନିଷ୍ପତି ହୋଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି, ରାଇଗରପୁର ପ୍ରାଥମିକ ବିଦ୍ୟାଳୟ, ପରିମାଣ୍ଡିପୁର ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟ, ସାମନ୍ତରାପୁର ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟ, ଅଠରବାଟିଆ ପ୍ରକଳ୍ପ ପ୍ରାଇମେରୀ, ହରିପୁର ପ୍ରକଳ୍ପ ପ୍ରାଇମେରୀ, ବୈଦ୍ୟନାଥ ପାଟଣା ପ୍ରକଳ୍ପ ପ୍ରାଇମେରୀ, ଟିମେଇପୁର ପ୍ରକଳ୍ପ ପ୍ରାଇମେରୀ, ଦେଇପୁର ପ୍ରାଇମେରୀ, ମାଳିସାହି ପ୍ରକଳ୍ପ ପ୍ରାଇମେରୀ, କବରେଶ୍ୱର ପ୍ରକଳ୍ପ ପ୍ରାଇମେରୀ, ସିରିଆପଡା ପ୍ରକଳ୍ପ ପ୍ରାଇମେରୀ, ଜଗନ୍ନାଥ ପ୍ରକଳ୍ପ ପ୍ରାଇମେରୀ, ମା କାମେଶ୍ୱରୀ ପ୍ରକଳ୍ପ ପ୍ରାଇମେରୀ ବାଦଲପୁର, ଗଡବରପଦା ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରଛାତ୍ରୀଥିବାରୁ ଏହି ବିଦ୍ୟାଳୟ ଗୁଡିକ ବନ୍ଦ କରିଦିଆଯିବା ପାଇଁ ସରକାରୀ ନିଷ୍ପତି ହୋଇଛି । ସେହିପରି ବ୍ରହ୍ମପଡା ପ୍ରକଳ୍ପ ପ୍ରାଇମେରୀ, ଓଗାଳପୁର ପ୍ରାଥମିକ ବିଦ୍ୟାଳୟ, ରତନପୁର ପ୍ରାଥମିକ ବିଦ୍ୟାଳୟ, କାଳୀଘଡି ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରମାପାଟପୁର ପ୍ରାଥମିକ ବିଦ୍ୟାଳୟ, ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟ, ବୀରକେଶରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଅଶ୍ୱଥପରୀ ପ୍ରାଥମିକ ବିଦ୍ୟାଳୟ, ଢୋଲପାଟଣା ପ୍ରାଥମିକ ବିଦ୍ୟାଳୟ, କଅଁରପୁର ପ୍ରାଥମିକ ବିଦ୍ୟାଳୟ, ବିଲପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଦାମୋଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବଗିପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ମାଟିଆପଡା ନୂଆସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଘରଝିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବାଲିପଡା ପ୍ରାଥମିକ ବିଦ୍ୟାଳୟ, ଓହ୍ଲାଣ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଟଣମଣ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ହଳଦୀପଦର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କଣ୍ଡପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କାତପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୪୦ରୁ କମ୍ ଛାତ୍ରଛାତ୍ରୀ ଥିବାରୁ ଉକ୍ତ ୨୧ ଯାକବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହିତ ମିଶାଇ ଦିଆଯିବ ବୋଲି ସରକାରୀ ନିଷ୍ପତି ହୋଇଥିବା ଜଣାପଡିଛି। ସେହିପରି ବେହେଂଚା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡେଲାଙ୍ଗ ଚାରିପାଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଲରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୈତ୍ରତ୍ରିଲୋଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଚାର୍ଯ୍ୟ ହରିହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ୨୦ରୁ କମ୍ ପିଲା ଥିବାରୁ ଉକ୍ତ ୫ଟି ବିଦ୍ୟାଳୟରୁ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀକୁ ଉଠାଇ ନିଆଯାଇ ଉକ୍ତ ଛାତ୍ରଛାତ୍ରୀମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ସାମିଲ କରିଦିଆଯିବା ପାଇଁ ସରକାରୀ ସ୍ତରରେ ନିଷ୍ପତି ହୋଇଥିବା କଣାସ ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ମୀନକେତନ ସାମନ୍ତରାୟଙ୍କ ଠାରୁ ପ୍ରକାଶ।

## ଆସନ୍ତା କାଲି ଠାରୁ ଅପ୍ରେଲ ୧ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ- ଜିଲ୍ଲାପାଳ

ପୁରୀ, ୧୯।୩(ପି.ଏନ): ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ଶ୍ରୀମନ୍ଦିର ସେବାୟତଙ୍କ ସହ ଆଲୋଚନା କରାଯିବା ପରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଶୁକ୍ରବାର ଠାରୁ ବନ୍ଦ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏ ସଂପର୍କରେ ଜିଲ୍ଲାପାଳ ଏକ ଭିଡ଼ିଓ ମଧ୍ୟ ଜାରି କରିଛନ୍ତି । ଏହି ଭିଡ଼ିଓରେ କୁହାଯାଇଛି ଯେ, କରୋନା ପାଇଁ ଉପଯୁକ୍ତ ଦୂରତା ରଖିବା, ସେବାୟତଙ୍କଠାରୁ ସମଦୂରତା ରଖି ଦର୍ଶନ କରାଇବା ବ୍ୟବସ୍ଥା କଠିନ ହୋଇପଡିଥିଲା । ସମସ୍ତଙ୍କ ସହ ପରାମର୍ଶ କରି ଓ ଲକ୍ଷ ଲକ୍ଷ ଭକ୍ତଙ୍କ ଜୀବନ ସୁରକ୍ଷା ପାଇଁ ଏଭଳି ନିଷ୍ପତି ନିଆଗଲା ବୋଲି ଜିଲ୍ଲାପାଳ ବଳବନ୍ତ ସିଂ ସୂଚନା ଦେଇଛନ୍ତି ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ମୁମୂର୍ଷୁଙ୍କ ପାଇଁ ଦେବଦୂତ



ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୩୮୭ ଜଣଙ୍କର ଜୀବନ ଦୀପ ଲିଭିଥାଏ। ଯଦି ଆହତ ବ୍ୟକ୍ତିମାନଙ୍କୁ ଠିକ୍ ସମୟରେ ଡାକ୍ତରଖାନାକୁ ନିଆଯାଇପାରନ୍ତା ତେବେ ଏହି ମୃତ୍ୟୁ ପରିମାଣ ୫୦ପ୍ରତିଶତକୁ ହ୍ରାସ ପାଆନ୍ତା ବୋଲି ରିପୋର୍ଟରେ କୁହାଯାଏ। ତେବେ ଆହତ ବ୍ୟକ୍ତିମାନେ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ପାରନ୍ତି ନାହିଁ କାହିଁକି ? ଉତ୍ତର ଖୋଜିଲେ ପ୍ରଶାସନିକ ଅବ୍ୟବସ୍ଥା ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ରାସ୍ତାରେ ପଡ଼ିଥିବା ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନାକୁ ନେଇ ଆଇନଗତ ନିର୍ଯାତନା ଏବଂ ଆର୍ଥିକ ଶୋଷଣର ଶିକାର ହେଉଥିବା ସୁନାଗରିକମାନଙ୍କ ଉଦାହରଣକୁ ଦେଖି ଲୋକମାନେ ଅନ୍ୟକୁ ସାହାଯ୍ୟ କରିବାଠାରୁ ଦୂରେଇ ରହୁଛନ୍ତି କିମ୍ବା ଯେ କୌଣସି ସ୍ଥାନରେ ଆହତ ହୋଇ ପଡ଼ିଥିବା ଲୋକମାନଙ୍କୁ ଯେଉଁମାନେ ଡାକ୍ତରଖାନାକୁ ନିଅନ୍ତି ସେମାନଙ୍କୁ ଆଇନର କଠୋରତାକୁ ସାମ୍ନା କରିବାକୁ ପଡ଼େ। ପୁଣି ଡାକ୍ତରଖାନାରେ ଅର୍ଥ ବ୍ୟୟ କରିବାକୁ ପଡ଼େ। ଏହାବ୍ୟତୀତ ପୋଲିସ ସେମାନଙ୍କୁ ବାରମ୍ବାର ଆକାରଣରେ ବୟାନ ଦେବାକୁ ଥାନାକୁ ଡାକେ, ସେମାନଙ୍କୁ ଧମକ ଦିଏ ଏବଂ ଦୁର୍ଘଟଣା ଘଟାଇଥିବା ପାର୍ଟି ଲାଞ୍ଚ ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରେ। ସେମାନଙ୍କୁ କୌଣସି ଆଇନଗତ ସହାୟତା କେଉଁଠାରୁ ମଧ୍ୟ ମିଳେନାହିଁ। ଏହି କାରଣରୁ ଅଧିକାଂଶ ସ୍ଥାନରେ ଦୁର୍ଘଟଣାକୁ ଆଖିଆଗରେ ଦେଖିଥିବା ଲୋକମାନେ ଏହାଠାରୁ ଅଲଗା କରିନେବାକୁ ଚାହାନ୍ତି। କ୍ରାଇମ ରେକର୍ଡ଼ ବ୍ୟୁରୋର ରିପୋର୍ଟ ଅନୁଯାୟୀ ରାସ୍ତା ଦୁର୍ଘଟଣା ମାମଲା ଗୁଡ଼ିକର ଆହତ ବ୍ୟକ୍ତି ଅଧିକାଂଶ ସମୟରେ ରାସ୍ତାରେ ପ୍ରାଣ ହରାଇବାର ଏହା ମୁଖ୍ୟ କାରଣ। କିନ୍ତୁ ଆଗକୁ ଏପରି ହେବନାହିଁ। ସୁନାଗରିକମାନଙ୍କୁ ଆଇନ ସୁରକ୍ଷା ଦେବ ଏବଂ ଏଥିସହ ସେମାନଙ୍କୁ ଡାକ୍ତରଖାନାରେ ଖର୍ଚ୍ଚ ବହନ କରିବାକୁ ହେବନାହିଁ। ଗତବର୍ଷ ମାର୍ଚ୍ଚ ୩୦ ତାରିଖରେ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ଆଗତ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁନାଗରିକମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସରଭାଇଭ୍ ଫାଉଣ୍ଡେସନ ୨୦୧୨ ମସିହାରେ ଅନ୍ୟକୁ ସାହାଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ସୁରକ୍ଷା ପାଇଁ ଏକ ଆଇନ ନିମନ୍ତେ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ। ଦୀର୍ଘ ଆଲୋଚନା ପରେ ୨୦୧୪ ଅକ୍ଟୋବର ୨୯ ତାରିଖରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏ ସଂପର୍କରେ ଗାଇଡ଼ ଲାଇନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨୦୧୫ ମେ' ମାସରେ କେନ୍ଦ୍ର ସରକାର କେତେଗୁଡ଼ିଏ ଗାଇଡ଼ ଲାଇନ ଜାରି କରିଥିଲେ। ଏହାପରେ ୨୦୧୬ ଜାନୁଆରୀ ୨୨ ତାରିଖରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ ସୁନାଗରିକମାନଙ୍କୁ ପୁଲିସର ସହଯୋଗ ନିମନ୍ତେ ଏକ ଗାଇଡ଼ ଲାଇନ ପ୍ରସ୍ତୁତ କରିଥିଲେ। ସୁପ୍ରିମକୋର୍ଟ ଏହି ଗାଇଡ଼ ଲାଇନକୁ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆଇନ ଭାବରେ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଅନ୍ୟକୁ ସାହାଯ୍ୟ କରୁଥିବା ବ୍ୟକ୍ତିମାନେ କୌଣସି ଫୌଜଦାରୀ ଏବଂ ଅପରାଧିକ ମାମଲାରେ ଅନ୍ତର୍ଭୁକ୍ତ ହେବେନାହିଁ। ଗତବର୍ଷ ମାର୍ଚ୍ଚ ୩୦ ତାରିଖରେ ସୁପ୍ରିମକୋର୍ଟ ଏ ସଂପର୍କରେ ଶେଷ ନିର୍ଦ୍ଦେଶ ଦେଇଛନ୍ତି। ଏହାପରଠାରୁ ଯିଏବି ଚାହିଁଲେ ଯେକୌଣସି ଆହତ ବ୍ୟକ୍ତିଙ୍କୁ ଅବିଳମ୍ବେ ଡାକ୍ତରଖାନାରେ ପହଞ୍ଚାଇ ପାରିବ କିମ୍ବା ଦୁର୍ଘଟଣାର ସାକ୍ଷୀ ହୋଇପାରିବ। କିନ୍ତୁ ଏଥିପାଇଁ ତାକୁ ପୋଲିସର ଜୁଲୁମ ସହିବାକୁ ହେବନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାରି ହୋଇଥିବା ଗାଇଡ଼ ଲାଇନର ବ୍ୟବସ୍ଥା ଅନୁଯାୟୀ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ସମ୍ମାନର ସହ ବ୍ୟବହାର କରାଯିବ। ଲିଙ୍ଗ, ଜାତି, ଧର୍ମ ଆଦି ନିର୍ବିଶେଷରେ ପ୍ରତ୍ୟେକ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୋଲିସ ବା ଡାକ୍ତରଖାନା କର୍ତ୍ତୃପକ୍ଷ ଉପଯୁକ୍ତ ବ୍ୟବହାର କରିବେ। କୌଣସି ଦୁର୍ଘଟଣା ସଂପର୍କରେ କିମ୍ବା ଦୁର୍ଘଟଣାଜନିତ ମୃତାହତଙ୍କ ସଂପର୍କରେ ଯେଉଁ ବ୍ୟକ୍ତି ପୋଲିସ କଣ୍ଟ୍ରୋଲ ରୁମ୍ କିମ୍ବା ପୋଲିସ ଷ୍ଟେସନକୁ ସୂଚନା ଦେବେ ସେମାନେ ଚାହିଁଲେ ତାଙ୍କ ପରିଚୟ ଗୁପ୍ତ ରଖାଯିବ। ପୋଲିସ କର୍ତ୍ତୃପକ୍ଷ କୌଣସି ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ନିଜର ପରିଚୟ ପ୍ରଦାନ କରିବା ପାଇଁ ବାଧ୍ୟ କରିପାରିବେ ନାହିଁ କିମ୍ବା ତାଙ୍କୁ ଘଟଣାର ସାକ୍ଷୀ ହେବାକୁ ବାଧ୍ୟ କରିପାରିବେ ନାହିଁ। ସେ ଘଟଣା ସଂପର୍କରେ ପୋଲିସକୁ ସୂଚୀତ କରିବା ପରେ ତାଙ୍କୁ ଅଟକାଇ ରଖାଯାଇପାରିବ ନାହିଁ। ଯଦି ସେ ନିଜ ଇଚ୍ଛାରେ ସାକ୍ଷୀ ହେବା ପାଇଁ ଚାହିଁବେ କିମ୍ବା ନିଜ ପରିଚୟ ପ୍ରଦାନ କରିବେ ତେବେ ତାହାକୁ ପୋଲିସ ଗ୍ରହଣ କରିବ। ସାକ୍ଷୀ ହେବାକୁ ସମ୍ମତି ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ତାଙ୍କ ସୁବିଧା, ସମୟ ଏବଂ ସ୍ଥାନରେ ପୋଲିସ ଅଧିକାରୀ ଭେଟି ସାକ୍ଷ୍ୟ ନେଇପାରିବେ। ଯଦି ଏହା ସମ୍ଭବ ନୁହେଁ ତେବେ ଭିଡ଼ିଓ କନ୍‌ଫରେନ୍ସିଂ ଦ୍ୱାରା ମଧ୍ୟ ସେ ସାକ୍ଷ୍ୟ ଦେଇପାରିବେ ଯଦି ଉକ୍ତ ବ୍ୟକ୍ତି ପୋଲିସ ଷ୍ଟେସନକୁ ଆସିବାକୁ ନଚାହାନ୍ତି ତେବେ ତଦନ୍ତକାରୀ ପୋଲିସ ଅଧିକାରୀ ସାଦା ପୋଷାକରେ ଉକ୍ତ ବ୍ୟକ୍ତିଙ୍କୁ ଭେଟି ଗୋଟିଏ ଥରେ ସମସ୍ତ ଯାଞ୍ଚ ଶେଷ କରିବେ। ଭାଷାଗତ ସମସ୍ୟା ଥିଲେ ଆବଶ୍ୟକସ୍ଥଳେ ଜଣେ ଅନୁବାଦକର ସାହାଯ୍ୟ ନିଆଯାଇପାରିବ। ଏଥିରେ ଖିଲାପ କଲେ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ରାସ୍ତାରେ ଆହତ ଅବସ୍ଥାରେ ପଡ଼ିଥିବା କୌଣସି ବ୍ୟକ୍ତିଙ୍କୁ କେହି ଡାକ୍ତରଖାନାରେ ପହଞ୍ଚାଇଲେ ଡାକ୍ତରଖାନା ଉକ୍ତ ବ୍ୟକ୍ତିଙ୍କୁ ଅଟକାଇ ରଖିପାରିବ ନାହିଁ, ତାଙ୍କ ପରିଚୟ ଦେବାକୁ ବାଧ୍ୟ କରିପାରିବ ନାହିଁ କିମ୍ବା ସେ ଯଦି ଉକ୍ତ ବ୍ୟକ୍ତିଙ୍କର ନିକଟତମ ପରିଜନ ହୋଇନଥାନ୍ତି ତେବେ ତାଙ୍କୁ ଖର୍ଚ୍ଚ ଦେବାକୁ ମଧ୍ୟ ବାଧ୍ୟ କରିପାରିବ ନାହିଁ। ଡାକ୍ତରଖାନା ସମସ୍ତ ଜରୁରୀକାଳୀନ ଚିକିତ୍ସା ଦେବ, ଅନ୍ୟଥା ଏହାକୁ ବୃତ୍ତିଗତ ଅସଦାଚରଣ ଭାବେ ଗ୍ରହଣ କରାଯିବ। ଏଥିସହ ଯଦି ଉକ୍ତ ସାହାଯ୍ୟକାରୀ ବ୍ୟକ୍ତି ଚାହିଁବେ ତେବେ ଡାକ୍ତରଖାନା ଔପଚାରିକ ଭାବରେ ଉକ୍ତ ଆହତ ବ୍ୟକ୍ତିଙ୍କୁ ସେ ଯେଉଁ ସ୍ଥାନରୁ ଏବଂ ଯେଉଁ ସମୟରେ ଡାକ୍ତରଖାନାକୁ ଆଣିଛନ୍ତି ତାହା ଡାକ୍ତରଖାନାର ସିଲ ସହ ଲେଖିବେ। ସଡ଼କ ଦୁର୍ଘଟଣାରେ ଘଟଣାସ୍ଥଳରେ ଯେତିକି ମୃତାହତ ହୋଇ ନ ଥାନ୍ତି ଅଧିକ ଭାବରେ ମୃତକଙ୍କ ସଂଖ୍ୟା ବଢ଼ିଥାଏ ଯେତେବେଳେ ମୁମୂର୍ଷୁ ଜଣଙ୍କ ଆଶୁଚିକିତ୍ସା ପାଇବାରେ ବିଳମ୍ବ ଘଟିଥାଏ। ସେଇଥିପାଇଁ ଅଧିକାଂଶ ସ୍ଥାନରେ ଦେଖାଯାଏ ଯେତେବଡ଼ ଦୁର୍ଘଟଣା ହେଲେ ବି ଦର୍ଶକଙ୍କ ସଂଖ୍ୟା ବଢ଼ିଥିଲେ ବି ସାହସର ସହିତ କ୍ୱଚିତ୍ ଗୁରୁତର ଆହାତଙ୍କୁ ଚିକିତ୍ସା ପାଇଁ ହାତ ବଢ଼ିଥାଏ। ଏହାର ମୁଖ୍ୟ କାରଣ ହେଉଛି ଡାକ୍ତରଖାନା, ଥାନା ଓ କୋର୍ଟରେ ଯାବତୀୟ ପ୍ରଶ୍ନ ଓ ଜେରାର ଯନ୍ତ୍ରଣା। ତେବେ ବହୁ ବିଳମ୍ବରେ ହେଲେ ବି ପ୍ରଶାସନିକ ସ୍ତରର ଏହି ନିଷ୍ପତ୍ତି ଅନେକ ମୁମୂର୍ଷୁଙ୍କୁ ନିର୍ବାପିତ ଜୀବନରୁ ବଞ୍ଚିବାର ଆନନ୍ଦ ଦେଇପାରିବ। ନରନାରାୟଣଙ୍କ ସେବା ଶ୍ରେଷ୍ଠ ସେବା ଓ ରକ୍ତଦାନ, ଅନ୍ନବସ୍ତ୍ର ଦାନ ପରି ଅଜଣା, ଅସହାୟ, ମୁମୂର୍ଷୁଟିକୁ ସାହାଯ୍ୟ କରିବାର ଯେଉଁ ଶ୍ରେଷ୍ଠ ଜୀବନଧର୍ମ ତାହା ଆମ ସମସ୍ତଙ୍କ ଭିତରେ ଆନ୍ଦୋଳିତ ହେଉ, ଅନ୍ୟକୁ ସାହାଯ୍ୟ କରିବାର ହାତ ନିଃସ୍ୱାର୍ଥପର ଭାବେ ବଢ଼ିଲେ ମଣିଷପଣିଆ ଅନ୍ୟମାନଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ହେବ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ବଢୁଛି ବିଜେପିର ଚିନ୍ତା



ବିଜେପିର କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟସଭାକୁ ଦଳୀୟ ସଦସ୍ୟଙ୍କୁ ରାଜ୍ୟରୁ ପଠାଇବାକୁ ଏବଂ ସଂସଦରେ ବିଲପାସ୍ କରିବାକୁ ବିଜେଡିର ସମର୍ଥନ ଆବଶ୍ୟକ କରୁଥିବା ହେତୁ ସେମାନେ ନବୀନଙ୍କ ନିକଟତର ହୋଇ ରହିଛନ୍ତି । ନବୀନବାବୁ ମଧ ସେମାନଙ୍କୁ ଅବହେଳା କରୁନାହାନ୍ତି ଯେଉଁଥିପାଇଁ ବିଜେପିର କେନ୍ଦ୍ର ନେତାମାନେ ରାଜ୍ୟକୁ ଆସିଲେ ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରଶଂସା କରୁଛନ୍ତି । ଯାହା ରାଜ୍ୟ ନେତୃବୃନ୍ଦଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଏଭଳି ସ୍ଥିତିରେ ବିଜେପି-ବିଜେଡି ମେଣ୍ଟ ପୁଣି ହୋଇପାରେ ବୋଲି ଚର୍ଚ୍ଚା ଧରିଛି । କାରଣ ଏନ୍‌ଡିଏ ମେଣ୍ଟକୁ ଶକ୍ତିଶାଳୀ କରିବାକୁ କେନ୍ଦ୍ର ନେତୃବୃନ୍ଦ ଚାହୁଁଛନ୍ତି । ଏଣେ ଦଳୀୟ ନେତୃବୃନ୍ଦ ରାଜ୍ୟର ପ୍ରତିନିଧିଙ୍କ ପାଇଁ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହେଲେଣି । ନିକଟରେ ବିଜେପିର ରାଜ୍ୟ ସଭାପତି ପଦବୀ ପାଇଁ ନିର୍ବାଚନ ଶେଷ ହୋଇଛି । ନିର୍ବାଚନ ପୂର୍ବରୁ ଦଳର ନେତୃତ୍ୱ ପାଇଁ ଅପରାଜିତାଙ୍କ ନାମ ମଧ ଚର୍ଚ୍ଚା ଭିତରକୁ ଆସିଥିଲା । ଯେମିତି କେନ୍ଦ୍ର ସରକାର ଗଠନ ବେଳେ ମନ୍ତ୍ରିତ୍ୱକୁ ନେଇ ଉଠିଥିଲା । ଆଉ ମଧ ନିର୍ବାଚନ ବେଳେ ବିଜେପିର ବିକଳ୍ପ ନେତୃତ୍ୱ ନେଇ ଗଣମାଧମଗୁଡିକରେ ଅପରାଜିତାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ଗତ ନିର୍ବାଚନରେ ଭୁବନେଶ୍ୱର ଲୋକସଭା ଆସନରେ ବିଜେପିର ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଥିଲା ବେଳେ ବିଧାନସଭା ପ୍ରାର୍ଥୀମାନେ ପରାଜିତ ହୋଇଥିଲେ । ଏହାକୁ ନେଇ ସେତେବେଳେ ଅଧିକ ଆଲୋଚନା ହୋଇନଥିଲା । ଅପରାଜିତାଙ୍କ ବିଜୟକୁ ସମସ୍ତେ ଗ୍ରହଣ କରିନେଇଥିଲେ ମଧ ଅନ୍ୟ ଦଳୀୟ ପ୍ରାର୍ଥୀଙ୍କ ପରାଜୟକୁ ଗୁରୁତ୍ୱ ଦିଆଯାଇ ନଥିଲା ।

ନିର୍ବାଚନ ପୂର୍ବରୁ ଆଇଏଏସ୍ ଚାକିରୀରୁ ଇସ୍ତଫାଦେଇ ଅପରାଜିତା ବିଜେପିରେ ସାମିଲ ହେବା ବେଳୁ ସେ ଯେ ରାଜ୍ୟ ବିଜେପିର ଭବିଷ୍ୟତ ନେତ୍ରୀ ହେବେ ସେ ନେଇ ଆଲୋଚନା ଜୋର ଧରିଥିଲା । ବିଜେପିରେ ସାମିଲ ହେବା ପରେ ଅପରାଜିତାଙ୍କ ବିଜୟ ପାଇଁ ଯୋଜନାବଦ୍ଧ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ । କିନ୍ତୁ ନିର୍ବାଚନ ପାଖେଇ ଆସିଲା ବେଳକୁ ଅପରାଜିତାଙ୍କ ଟିକେଟ ପାଇବା ସ୍ଥିତି ସୁଦୃଢ ହୋଇ ସାରିଥିଲା ବେଳେ ବର୍ଷ ବର୍ଷ ଧରି କାର୍ଯ୍ୟକରି ଆସିଥିବା ଦଳୀୟ ନେତାମାନଙ୍କ ପାଦତଳୁ ମାଟି ଖୋଳା-ଯାଇଥିଲା । ଯାହାଫଳରେ ଏକାମ୍ର ନିର୍ବାଚନମଣ୍ଡଳୀରେ ଅମୀୟ ଦାଶ, ଜଟଣୀରେ ସୁଦୀପ୍ତ ରାୟ, ବୋଲଗଡ ବେଗୁନିଆରେ ଯତିନ ମହାନ୍ତିଙ୍କ ପରି ପୁରୁଣା ନେତାମାନଙ୍କ ପକ୍ଷଚ୍ଛେଦନ କରାଯାଇଥିଲା । ଅଥଚ ମାତ୍ର କେଇଦିନର ସଂପର୍କରେ ଯୋଡି ହୋଇଥିଲା ବିଜେଡିର ନେତା ବାବୁ ସିଂହ ଏବଂ ପ୍ରଶାନ୍ତ ନନ୍ଦଙ୍କ ପୁଅ ଋଷଭ ନନ୍ଦ ଯଥାକ୍ରମେ ଏକାମ୍ର ଏବଂ ବୋଲଗଡରୁ ପ୍ରାର୍ଥୀ ହୋଇଥିଲେ । ତେବେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଧାନସଭା ପ୍ରାର୍ଥୀମାନଙ୍କ ନାମ ଅପରାଜିତାଙ୍କ ମତାନୁସାରେ ଦିଆଯାଇଥିବା ନେଇ ସେତେବେଳେ ବିଜେପିରେ ଆଲୋଚନା ହେଉଥିବା ବେଳେ ଦଳ ଭିତରେ ଅସନ୍ତୋଷକୁ ଚାପି ଦିଆଯାଇଥିଲା । ନିର୍ବାଚନରେ ବିଜୟୀ ହେବାପାଇଁ ବିଜେଡି ନେତାଙ୍କୁ ଟିକେଟ ଦେଇ ନିଜ ବିଜୟକୁ ସୁରକ୍ଷିତ କରିବା ଅପରାଜିତାଙ୍କ ଏକ ଚାଲଥିଲା । ଯାହାକୁ ଗଣମାଧମ ଲୋକେ ସେତେବେଳେ ଧରିପାରିନଥିଲେ । ଅପରାଜିତା ଜାଣିଥିଲେ ଯେ କେବଳ ନିଜସ୍ୱ ପରିଚିତି କିମ୍ବା ବ୍ୟାପକ ପ୍ରଚାର ନୁହେଁ ମଧବର୍ତ୍ତୀ ବୁଝାମଣା ବଳରେ ବିରୋଧୀଙ୍କ କିଛି ଭୋଟ ସେ ନିଜ ସପକ୍ଷରେ ନେଇପାରିଲେ ବିଜୟୀ ହୋଇପାରିବେ । ତେଣୁ ବିଜେପିର ପ୍ରାର୍ଥୀ ହୋଇ ସେ ବିଜେଡିର ଅସନ୍ତୁଷ୍ଟ ନେତାମାନଙ୍କୁ ବିଜେପିର ବିଧାନସଭା ପ୍ରାର୍ଥୀ ଭାବେ ଟିକେଟ୍ ଦେବାକୁ ଦଳକୁ କହିଲେ । ତଦନୁଯାୟୀ ପୁରୁଣା ପ୍ରାର୍ଥୀମାନଙ୍କ ସ୍ଥାନରେ ବିଜେଡିର ନବାଗତ ନେତାଙ୍କୁ ବିଜେପିର ଟିକେଟରେ ଲଢିବାକୁ ସୁଯୋଗ ମିଳିଲା । ନିର୍ବାଚନ ପ୍ରଚାର ସମୟରେ ଏପରିକି ପରେ ଅପରାଜିତାଙ୍କ ଏହି ଆଭିମୁଖ୍ୟକୁ ସହଜରେ ଦଳୀୟ କର୍ମୀମାନେ ଗ୍ରହଣ କରିପାରିନଥିବା ହେତୁ ସେ ନିଜର କାର୍ଯ୍ୟରେ ବିଜେଡିର କର୍ମୀମାନଙ୍କୁ ଅଧିକ ନିଯୁକ୍ତ କରିବାରେ ଲାଗିପଡିଲେ । ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ଯେ ଆଗାମୀ ଦିନରେ ବୋଧହୁଏ ଅପରାଜିତା ବିଜେଡି ମୁହାଁ ହୋଇପାରନ୍ତି କିମ୍ବା ଆଗାମୀ ନିର୍ବାଚନ ବିଜେଡିରୁ ଲଢିପାରନ୍ତି । ଯେଉଁ କର୍ମୀମାନଙ୍କୁ ଏକଦା ବିବାଦୀୟ ଦଳ ପକ୍ଷରୁ ନିଲମ୍ବନ କରାଯାଇଥିଲା ସେମାନଙ୍କୁ ଅପରାଜିତା ନିଜ ସହ ରଖିବାକୁ ନେଇ ଦଳୀୟ ଲୋକେ ଆଦୌ ସନ୍ତୁଷ୍ଟ ନାହାନ୍ତି । ଯେଉଁଥି ପାଇଁ ବିଗତ ଦିନମାନଙ୍କରେ ଭୁବନେଶ୍ୱର ଜିଲ୍ଲା ସଂଗଠନ ସହ ସାଂସଦଙ୍କ ମଧ୍ୟରେ ମତପାର୍ଥକ୍ୟ ଯୋଗୁ ଦୁଇ ଦୁଇ ଥର ମାମଲା ଉଠିଲାଣି । ଏପରିକି ଜିଲ୍ଲା ସଭାପତି ସାଂସଦଙ୍କ ବିରୋଧରେ ସାଧାରଣରେ ଅଭିଯୋଗ ମଧ ଆଣିଛନ୍ତି । ସାଂସଦଙ୍କ ଲୋକେ ତାଙ୍କ ଉପରେ ଆକ୍ରମଣ କରିବା ନେଇ ଖବର ସମ୍ବାଦପତ୍ରରେ ମଧ ପ୍ରକାଶ ପାଇଛି । କେତେକ ଏହା ପଛରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କର ହାତଥିବା ନେଇ ପ୍ରଚାର କରୁଛନ୍ତି । ଅପରାଜିତାଙ୍କ ବିଜେପିରେ ଯୋଗଦାନ ପରେ ତାଙ୍କ ଭବିଷ୍ୟତ ସନ୍ଦେହରେ ରହିଥିବା ସେମାନେ ପ୍ରକାଶ କରିଛନ୍ତି । କିନ୍ତୁ ଏ ପ୍ରକାର ଦୂରତା ସଂଗଠନ ପାଇଁ ଭଲ ନୁହେଁ ବୋଲି କୁହାଯାଉଛି । ଅବଶ୍ୟ ସାସଂଦ ଅପରାଜିତା ନିକଟରେ ୟୁଟର୍ଣ୍ଣ ନେଇ ଦଳୀୟ ବିରୋଧୀଙ୍କୁ ନିଜ ପକ୍ଷରେ ନେବାଲାଗି ଚେଷ୍ଟା ଆରମ୍ଭ କରି କେତେକଙ୍କୁ ନୂଆ ନିଯୁକ୍ତି ଦେଇଛନ୍ତି ।

ଅପରପକ୍ଷେ ସାଂସଦଙ୍କ ବିକାଶ ପାଣ୍ଠିର ଉପଯୋଗ ପାଇଁ ସାଂସଦ ନିଜେ ଏକ ସମାନ୍ତରାଳ ମହିଳା ସଂଗଠନ ଗଢି ଛିଡା କରିବାରେ ଲାଗିପଡିଛନ୍ତି ବୋଲି ଅପରାଜିତାଙ୍କ ସମାଲୋଚକମାନେ କହିବାରେ ଲାଗିଛନ୍ତି । ଅନେକ ସ୍ଥାନରେ ଦଳୀୟ କର୍ମକର୍ତ୍ତାଙ୍କୁ ସାଂସଦ ଗୁରୁତ୍ୱ ଦେଉନଥିବା ଅଭିଯୋଗ ମଧ ଉଠିଛି । ଏକଥା ସତ ଯେ ବିଜେପିର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇବାକୁ ସହଯୋଗୀ ସଂଗଠନମାନଙ୍କ ସମର୍ଥନ ଆବଶ୍ୟକ ହୋଇଥାଏ । ବିଜେପି ବିଚାରଧାରାର ବିବିଧ କ୍ଷେତ୍ରରେ ଲୋକଙ୍କ ସମର୍ଥନ ଅଭାବରୁ ଯେପରି ବିଗତ ଦିନରେ ବିଜୟ ମହାପାତ୍ର ନିଜସ୍ୱ ପରିଚୟ ସତ୍ତ୍ୱେ ବିଜେପି ସଂଗଠନରେ ନିଜକୁ ଖାପଖୁଆଇବାରେ ଅସମର୍ଥ ହୋଇଥିଲେ ଠିକ୍ ସେମିତି ଅପରାଜିତାଙ୍କ କ୍ଷେତ୍ରରେ ହୋଇଛି । ବିବିଧ କ୍ଷେତ୍ରର ସଂଗଠକ ଏବଂ କର୍ମୀମାନେ ଅପରାଜିତାଙ୍କ ସଂପର୍କରେ ନକାରାତ୍ମକ ମନ୍ତବ୍ୟ ଦେବା ଦଳପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି । ପ୍ରତ୍ୟେକ ରାଜନୈତିକ ଦଳ ପାଇଁ ନିର୍ବାଚନ ଆସେ ଏବଂ ଯାଏ, କିନ୍ତୁ ସଂଗଠନ ଓ ବିଚାରଧାରାର ଲୋକେ ନିରନ୍ତର ସେମାନଙ୍କ କାର୍ଯ୍ୟ କରୁଥାନ୍ତି । ନେତାମାନେ ଦଳରେ ଯୋଗଦେବା କିମ୍ବା ଦଳଛାଡି ବାହାରକୁ ଯିବାରେ ବିଚାରଧାରା ଦୁର୍ବଳ ହୋଇନଥାଏ । ଜଣେ ନେତା ଗଲେ ଆଉ ଜଣେ ନେତା ଆସେ,ଜଣକ ବଦଳରେ ଅନ୍ୟଜଣେ ସ୍ଥାନ ଗ୍ରହଣ କରେ । ଏମିତି ଅତୀତରେ ଅନେକ ନେତା ବିଜେପି ଛାଡି ଅନ୍ୟ ଦଳକୁ ଯାଇ ବଡ ବଡ ପଦବୀ ମଧ ପାଇଛନ୍ତି । ହେଲେ ବିଜେପିର ବିଚାରଧାରା ସେମାନଙ୍କ ପାଇଁ ଦୁର୍ବଳ ହୋଇନାହିଁ ବରଂ ଅଧିକରୁ ଅଧିକ ସଶକ୍ତ ହୋଇଛି ।

ଏହି ଦୃଷ୍ଟିରୁ ବିଜେପି ପରି ଏକ କ୍ୟାଡରଭିତ୍ତିକ ଦଳପାଇଁ ବ୍ୟକ୍ତିଗତ ପ୍ରତିଷ୍ଠା ଅପେକ୍ଷା ଦଳୀୟ ନିଷ୍ଠା ବଡ କଥା । କିନ୍ତୁ ତତ୍‌କାଳୀନ ଲାଭ ପାଇଁ କାର୍ଯ୍ୟ କରୁଥିବା ନେତାମାନେ ସେମିତି ନିଷ୍ଠାପର ହୋଇ କାର୍ଯ୍ୟ କରିପାରନ୍ତି ନାହିଁ । ସେମାନେ ନିର୍ବାଚନୀ ଗଣିତକୁ ନେଇ କାର୍ଯ୍ୟ କରୁଥାନ୍ତି, ପଟ୍ଟ ପରିବର୍ତ୍ତନ କରୁଥାନ୍ତି । ଦଳୀୟ ସଫଳତା ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଜୋରଦେବାରେ ଲାଗିଥାନ୍ତି । ସେଭଳି କ୍ଷେତ୍ରରେ ନିର୍ବାଚନରେ ବିଜୟୀ ହେଉଥିବା ବ୍ୟକ୍ତି ସଂଗଠନର ବିଶେଷ କିଛି କାର୍ଯ୍ୟ କରେନାହିଁ । ଏହା ଯଦି ଅପରାଜିତାଙ୍କ କ୍ଷେତ୍ରରେ ହୁଏ ତେବେ ବିଜେପିର ଲାଭ ହେବ ନାହିଁ । ହଁ ଏକଥା ମଧ ସତ ଯେ ବିଜେପିର ସହଯୋଗୀ ବିବିଧ କ୍ଷେତ୍ରର ଯେଉଁମାନେ ଏମ୍‌ପିଙ୍କ ପାଣ୍ଠିରୁ ନିଜ ସଂଗଠନ ପାଇଁ ସୁବିଧା ନେବାକୁ ଲକ୍ଷ୍ୟ ରଖିଛନ୍ତି, ସେମାନେ ଅପରାଜିତାଙ୍କ ନିକଟରେ ଗହଳି କରୁଛନ୍ତି । ତେବେ ପ୍ରଶାସନରେ ଥିବା ସମୟରୁ ସେ ଗ୍ରାମାଞ୍ଚଳରେ ଅନେକ ଲୋକଙ୍କ ସହ ଯେଉଁ ସଂପର୍କ ରଖିଥିଲେ ତାହା ଏବେ କାମରେ ଆସୁଛି । ସେହି ସବୁ ଲୋକଙ୍କ ମାଧ୍ୟମରେ ଅପରାଜିତା ଅତି କମ୍ ଦିନରେ ନିର୍ବାଚନ ମଣ୍ଡଳୀର ଅନେକ ଗ୍ରାମାଞ୍ଚଳରେ ପ୍ରଚାର ପାଇଁ ପ୍ରବେଶ କରିବାର ସୁବିଧା ପାଇଥିଲେ ।

ସଂପ୍ରତି ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ବଣ୍ଟନ କ୍ଷେତ୍ରରେ ଅପରାଜିତାଙ୍କ ଆଭିମୁଖ୍ୟ ଦଳୀୟ କର୍ମୀଙ୍କୁ ଅସନ୍ତୁଷ୍ଟ କରିଛି । ରାଜ୍ୟରେ ଦୁର୍ବଳ ସାଂଗଠନିକ ଢାଞ୍ଚା ଏବଂ ନିଷ୍ଠାପର କର୍ମୀଙ୍କ ଅଭାବ ହେତୁ ତଳସ୍ତରରେ ବିଜେପିକୁ ପହଞ୍ଚାଇବାକୁ କଷ୍ଟ ହେଉଥିବାରୁ ବୋଧହୁଏ ନେତାମାନେ ନିଜର ବିଶ୍ୱସ୍ତ କିମ୍ବା ବାହାର ଲୋକଙ୍କୁ ଆଣି ଦାୟିତ୍ୱ ଦେଉଛନ୍ତି । ସେମିତି ଅପରାଜିତା କରୁଥିବେ ନିଶ୍ଚୟ । ତେବେ ଅପରାଜିତାଙ୍କ କାର୍ଯ୍ୟରେ ବିଜେପିର ଅନେକଙ୍କ ଚିନ୍ତା ବଢିଛି, ଏହା ସତକଥା । ତାଙ୍କ ସକ୍ରିୟତା ଓ ଲୋକସଂପର୍କ ଶୈଳୀ ଯେ ଦଳୀୟ ନେତାଙ୍କଠାରୁ ଭିନ୍ନ ତାହା ସମସ୍ତେ ଜାଣନ୍ତି । ଯଦି ସେ ତାଙ୍କ ଲୋକସଂପର୍କ ଓ ସାଂଗଠନିକ କାର୍ଯ୍ୟ ଏକ ସମୟରେ କରିବାକୁ ସକ୍ଷମ ହୁଅନ୍ତି ତେବେ ଆଗାମୀ ଦିନରେ ସେ ଅନ୍ୟମାନଙ୍କ ପାଇଁ ଆହ୍ୱାନ ହୋଇ ଛିଡାହେବେ ନିଶ୍ଚୟ । ତାଙ୍କଠାରେ ବିକଳ୍ପ ନେତୃତ୍ୱକୁ ଦେଖିବାକୁ ଲୋକେ ଯେ ଆଗ୍ରହୀ ହେବେ ସେଥିରେ ସନ୍ଦେହ କରିବାର କିଛି ନାହିଁ ।

**ସୌମେନ୍ଦ୍ର ଜେନା,**
**ଭାରତୀୟ ସମ୍ବାଦ ସେବା (ଭାସ୍),**
**ଭୁବନେଶ୍ୱର-୭୫୧୦୦୩**

# କରୋନା ପ୍ରତିରୋଧ ଲାଗି ପ୍ରସ୍ତୁତ ହେଲା ସ୍କାଉଟ ଗାଇଡ୍ ବ୍ରିଗେଡ




ଭୁବନେଶ୍ୱର (ପିଏନ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଆନୁକୂଲ୍ୟରେ ରାଜ୍ୟ ଜନସାଧାରଣଙ୍କୁ "କରୋନା ଭାଇରସ" ସଚେତନତା ଉପରେ ଅବଗତ କରାଇବା ପାଇଁ ଏକ ସ୍କାଉଟ ଗାଇଡ୍ ବ୍ରିଗେଡ ଗଠନ କରାଯାଇଅଛି । ରାଜ୍ୟର ୨୦ଟି ଜିଲ୍ଲାରୁ ୧୪୦ ଜଣ ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନ ଉକ୍ତ ବ୍ରିଗେଡରେ ଯୋଗଦେଇ ନିଜ ନିଜ ଜିଲ୍ଲାରେ ସ୍କାଉଟ ଓ ଗାଇଡ୍‌ମାନଙ୍କୁ ନେଇ ଜନ ସଚେତନତା ସୃଷ୍ଟି କରିବା ଲାଗି ପରାମର୍ଶ ଦିଆଯାଇଥିଲା । କିମସ୍‌ର ଡାକ୍ତର ପ୍ରଣବ କୁମାର ମହାପାତ୍ର, ବ୍ରିଗେଡରେ ଯୋଗଦାନ କରିଥିବା ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନମାନଙ୍କୁ ପ୍ରାଞ୍ଜଳ ଭାବରେ କରୋନା ସଚେତନତା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ର କରୋନା ସଂକ୍ରମଣରୁ ନିଜକୁ ଦୂରେଇ ରଖିବା ପାଇଁ ଆନୁସଙ୍ଗିକ ପ୍ରକ୍ରିୟା ଉପରେ ଆଲୋକପାତ କରି ନିଜ ନିଜ ଅଞ୍ଚଳରେ ଏହାକୁ ପ୍ରସାର କରିବା ପାଇଁ ନିର୍ଦ୍ଦେଶ ନାମା ଦେଇଥିଲେ । ଏହି ଉପଲକ୍ଷେ ସଚେତନତା ସଂକ୍ରାନ୍ତୀୟ ବ୍ୟାନର, ଓ ପ୍ଲାକାର୍ଡ ଛପାଯାଇ ସେମାନଙ୍କୁ ପ୍ରଦାନ କରାଯାଇଥିଲା । ତା୧୬।୩।୨୦୨୦ରିଖ ଦିନ ପ୍ରତ୍ୟୁଷରେ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ସଚେତନା ଅଭିଯାନ ନିକଟବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କୁ ସଂକ୍ରମଣରୁ ନିଜକୁ ଦୂରେଇ ରଖିବା ଉପାୟମାନ ଅବଲମ୍ବନ କରିବା ପାଇଁ ବୁଝାଯାଇଥିଲା । ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏହି କର୍ମଶାଳାରୁ ଫେରିଯାଇ ନିଜ ନିଜ ଅଞ୍ଚଳରେ କରୋନା ବିଭୀଷିକାରୁ ନିଜକୁ ସୁରକ୍ଷା ରଖିବା ନିମିତ୍ତ ଜନସାଧାରଣଙ୍କୁ ଅବଗତ କରିବା ପ୍ରକ୍ରିୟା ଜାରି ରଖିବାକୁ ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ପରାମର୍ଶ ଦେଇଛନ୍ତି । ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନ ଫେରିଯାଇ ନିଜ ନିଜ ଅଞ୍ଚଳରେ ଛୋଟ ଛୋଟ ଦଳରେ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରିବା ପାଇଁ ଦୃଢ଼ ସଂକଳ୍ପ ହୋଇ ନିଜ ନିଜ ଜିଲ୍ଲାକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ଅବକାରୀ ଚଢାଉ: ୫ ଗିରଫ, ୬୦ ଲିଟର ଦେଶୀ ମଦ ଜବତ



ଯୋଡା (ପିଏନ): ଯୋଡା-ବଡବିଲ ଅଞ୍ଚଳରେ ମଦ ମାଫିଆଙ୍କ ଉପରେ ବାରମ୍ବାର ଚଢାଉ ଫଳରେ କୋକୁଆ ଭୟ ଦେଖିବାକୁ ମିଳିଛି । ଗତ ୧୨ ତାରିଖରେ ଏକ ବଡ ଧରଣର ଚଢାଉରେ ବହୁମାତ୍ରାର ମଦ ଜବତ ହେବା ସହ ୫ ମାଫିଆ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ । ବୁଧବାର ଦିନ ପୁନର୍ବାର ଅନୁରୂପ ଚଢାଉରେ ଯୋଡା-ବଡବିଲ ଅଞ୍ଚଳର ଆଉ ୫ଜଣ ମଦ ମାଫିଆ ଗିରଫ ହେବା ସହ ୬୦ ଲିଟର ଦେଶୀ ମଦ ଜବତ ହୋଇଥିବା ଜଣାପଡିଛି । ଚମ୍ପୁଆ ଅବକାରୀ ଅଧିକାରୀ ଶୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ବଡବିଲ ଅବକାରୀ ଉପନିରିକ୍ଷକ ନିରାକାର ଦେହୁରୀ ସଦଳବଳେ ଚଢାଉ କରି ଏହି ସଫଳତା ହାସଲ କରିଥିବା ସୂଚନା ମିଳିଛି । ଗିରଫ ଅଭିଯୁକ୍ତମାନେ ହେଲେ ଯୋଡାସ୍ଥିତ ବାଚୁହାଟିଂର ପାଣ୍ଡବ ପାତ୍ର ଏବଂ ଶାନ୍ତି ମହାକୁଡ, କମାରଯୋଡାର ରାଜେଶ ମୁଣ୍ଡା, ହୁଡିସାହିର ରାମଚନ୍ଦ୍ର ମହାକୁଡ ଏବଂ ବଡବିଲ ଉତ୍ତମ ସିଂ ହଟିର ବରୁଣ ଗୋପ ବୋଲି ଜଣାପଡିଛି । ଗିରଫ ଅଭିଯୁକ୍ତମାନେ ଦୀର୍ଘଦିନରୁ ଏହି ଚୋରା ଦେଶୀ ମଦ କାରବାର ଚଳାଇଆସୁଥିବା ବେଳେ ଅବକାରୀ ବିଭାଗ ସେମାନଙ୍କ ଟେର ପାଇପାରି ନ ଥିଲା । ଯୋଡା-ବଡବିଲ ଖଣି ଅଞ୍ଚଳରେ ବିଭିନ୍ନ ବସ୍ତି ଅଞ୍ଚଳରେ ଅବାଧରେ ମଦ ବିକ୍ରି ଚାଲୁରହିଥିବା ବେଳେ ଏହି ଚଢାଉ ଆହୁରି ବ୍ୟାପକ କରାଗଲେ ଅନେକ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ସ୍ୱଚ୍ଛ ଭାରତ ଓ ସଫେଇ କର୍ମଚାରୀ



ଭୁବନେଶ୍ୱର (ପିଏନ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଯେତେ ଗୁଡ଼ିଏ ଯୋଜନା ରହିଛି, ସ୍ୱଚ୍ଛ ଭାରତ ଯୋଜନା ସେ ସବୁ ମଧ୍ୟରୁ ପ୍ରମୁଖ ଓ ଅନ୍ୟତମ। କିନ୍ତୁ ହାତରେ ମଇଳା ସଫା କରୁଥିବା ବ୍ୟକ୍ତିମାନଙ୍କ ପାଇଁ ସରକାରଙ୍କର ଏ ଯାବତ୍ ସେପରି କିଛି ଉଲ୍ଲେଖନୀୟ ଯୋଜନା ଏପରିକି ସାମାନ୍ୟତମ ଚିନ୍ତା ଥିଲା ଭଳି ମନେହୁଏ ନାହିଁ ଯେଉଁଥିପାଇଁ ଦେଶର ଅନେକ ଭାଗରେ ଏହା ଏବେ ବି ଚାଲୁ ରହିଛି। ଅବଶ୍ୟ ଏହି କାର୍ଯ୍ୟରେ ନିଯୁକ୍ତ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଆଇନରେ କଠୋର ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି, ହେଲେ ଏହା କେବଳ କଥାରେ ସୀମିତ, କାମରେ ପରିଣତ ହେଉନାହିଁ। ତେଣୁ ନିକଟରେ ମାଡ୍ରାସ ହାଇକୋର୍ଟ ଉଭୟ କେନ୍ଦ୍ର ଓ ତାମିଲନାଡୁ ସରକାରଙ୍କୁ ପ୍ରୋହିବିସନ୍ ଅଫ୍ ଏମ୍ପ୍ଲୟମେଣ୍ଟ ଆଜ୍ ମ୍ୟାନୁଆଲ ସ୍କାଭେଞ୍ଜର୍ସ ଆଣ୍ଡ ଦେୟାର ରିହାବିଲିଟେସନ ଆକ୍ଟ, ୨୦୧୩କୁ କଡ଼ାକଡ଼ି ଭାବରେ ଲାଗୁ କରିବା ପାଇଁ କହିଛନ୍ତି। କୋର୍ଟଙ୍କର ଏପରି ନିର୍ଦ୍ଦେଶ ପରୋକ୍ଷରେ ଦର୍ଶାଉଛି ଯେ ଏହି କାର୍ଯ୍ୟରେ ନିଯୁକ୍ତ ଲୋକମାନଙ୍କ ଥଇଥାନ ପାଇଁ ଜାତୀୟ ସ୍ତରରେ ବ୍ୟାପକ ପ୍ରଚାର ଅଭିଯାନ କାର୍ଯ୍ୟକ୍ରମମାନ ହେବା ସତ୍ତ୍ୱେ ତାହା ସରକାରୀ ଉଦାସୀନତା ଓ ସାମାଜିକ ପକ୍ଷପାତିତାକୁ ଦୂର କରିବାରେ ଅସମର୍ଥ ହୋଇଛି। ମୁଖ୍ୟ କଥା ହେଉଛି, ହାତରେ ମଇଳା ସଫା କରିବାର କାର୍ଯ୍ୟ ଏବେ ବି ଚାଲୁ ରହିଛି କାରଣ ଏବେ ସୁଦ୍ଧା ଦେଶର ବିଭିନ୍ନ ଅଂଶରେ ହାତରେ ସଫା କରାଯିବା ଭଳି ଅସ୍ୱାସ୍ଥ୍ୟକର ପାଇଖାନାମାନ ରହିଛି। ହାତରେ ମଇଳା ସଫା କରୁଥିବା କର୍ମଚାରୀମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ସାମାଜିକ ସଂଗଠନ ସଫେଇ କର୍ମଚାରୀ ଆନ୍ଦୋଳନର ତଥ୍ୟ ମୁତାବକ ଏବେ ମଧ ଦେଶରେ ୨.୬ ମିଲିଅନ୍ ଅସ୍ୱାସ୍ଥ୍ୟକର ପାଇଖାନା ରହିଛି। ହାତରେ ମଇଳା ସଫା କରିବାର କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ଆଇନତଃ ବାଧ୍ୟ ହୋଇଥିଲେ ସୁଦ୍ଧା ସେମାନେ ଏଥି ନିମନ୍ତେ ନିର୍ମିତ ପାଇଖାନାଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଏପରିକି ଏଭଳି ଧରଣର କେତେ ପାଇଖାନା ରହିଛି ଏବଂ କେତେ ସଂଖ୍ୟକ ଲୋକ ଏସବୁକୁ ସଫା କରିବା କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି, ତାର ଆକଳନ କରିବା ପାଇଁ ଆଗ୍ରହ ପ୍ରଦର୍ଶନ କରୁ ନାହାନ୍ତି। ସେହିପରି ଏହି କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନଙ୍କ ଥଇଥାନ ନିମନ୍ତେ ପ୍ରତ୍ୟେକ୍ଷ ଭାବରେ ଆତ୍ମନିଯୁକ୍ତି ପ୍ରଦାନକାରୀ ଯୋଜନାଗୁଡ଼ିକୁ ପରିଚାଳନା କରୁଥିବା କେନ୍ଦ୍ର ସରକାର ବଜେଟ୍‌ରେ ଏଥି ନିମନ୍ତେ ଆର୍ଥିକ ବ୍ୟବସ୍ଥାର ପରିମାଣକୁ ୨୦୧୪-୧୫ରେ ୪୪୮ କୋଟି ଟଙ୍କାରୁ ଚଳିତ ବର୍ଷ ମାତ୍ର ୫ କୋଟି ଟଙ୍କାକୁ ହ୍ରାସ କରି ଦେଇଛନ୍ତି। ଏହାର ଅର୍ଥ ନୁହେଁ ଯେ ପୂର୍ବରୁ ଅଧିକ ପରିମାଣର ଅର୍ଥ ବ୍ୟବସ୍ଥା କରାଯାଉଥିବା ଯୋଗୁଁ ତାହାର ପୂର୍ଣ୍ଣ ଉପଯୋଗ ହୋଇ ଯାଉଥିଲା। ତେଣୁ ଏପରି ଏକ ଘୃଣ୍ୟ ସାମାଜିକ ବ୍ୟବସ୍ଥାର ଅନ୍ତ ଘଟାଇବାକୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ସମଗ୍ର ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ହେଲେ କୋର୍ଟଗୁଡ଼ିକ ରାଜ୍ୟ ସରକାରମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବା ଉଚିତ। ସଙ୍ଗେ ସଙ୍ଗେ ଏପରି ଅସ୍ୱାସ୍ଥ୍ୟକର ଓ ଘୃଣ୍ୟ କାର୍ଯ୍ୟରେ ନିଯୁକ୍ତି ଲୋକମାନଙ୍କୁ ଏଥିରୁ ନିବୃତ୍ତ କରାଇବା ପାଇଁ ସେମାନଙ୍କୁ ଆତ୍ମନିଯୁକ୍ତି ସମ୍ପର୍କରେ ସଚେତନ କରାଇବା ସହିତ ସେମାନଙ୍କର ଭରସାର ସ୍ତରରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରାଯିବା ବିଧେୟ। ଏଥିପାଇଁ ସେମାନଙ୍କୁ ସୁବିଧାରେ ସାଧନ ମଧ ଯୋଗାଇ ଦେବା ଉଚିତ। ଏଥିରେ ସନ୍ଦେହ ନାହିଁ ଯେ ସଶକ୍ତିକରଣ ହେଉଛି ପରିବର୍ତ୍ତନର ବାହକ। କିନ୍ତୁ ଏଥିପାଇଁ ଶିକ୍ଷା ଓ ଆର୍ଥିକ ଉନ୍ନତିକରଣ ଜରିଆରେ ଜାତିପ୍ରଥାର ଅନ୍ତ ଘଟାଯିବା ଅତ୍ୟନ୍ତ ଜରୁରୀ।

**(ସୌଜନ୍ୟ: ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୪୩୭୧୨୪୫୭୨)**

# ଧର୍ମଶାଳା ଅଞ୍ଚଳର ୧୪ ସନ୍ଦିଗ୍ଧ କରୋନା ନେଗେଟିଭ୍

ଧର୍ମଶାଳା (ପିଏନ୍): କରୋନା ଆତଙ୍କ ପରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଆଜି ସୁଦ୍ଧା ୧୪ ଜଣ ବ୍ୟକ୍ତି ବିଭିନ୍ନ ରାଜ୍ୟ ଓ ବିଦେଶରୁ ଘରକୁ ଫେରିଛନ୍ତି । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେମାନଙ୍କୁ ଆଇସୋଲେସନ୍‌ରେ ରଖାଯାଇଥିଲା । ପରେ ସେମାନେ ସଙ୍ଗରୋଧ (କ୍ୱାରାଣ୍ଟିନ୍)ରେ ଘରେ ରହିଛନ୍ତି । ସମସ୍ତଙ୍କ କରୋନା ପରୀକ୍ଷା ନେଗେଟିଭ୍ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାସତ୍ତ୍ୱେ ସନ୍ଦିଗ୍ଧ କରୋନା ଆକ୍ରାନ୍ତ ଠାବ ହୋଇଥିବା ଆଶଙ୍କାରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିନେଇ ଭୟଭୀତ ନହୋଇ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । କୁଏତ୍, ଦୁବାଇ, କେରଳ, ହାଇଦ୍ରାବାଦ, ଦିଲ୍ଲୀ ଓ କୋଲକତାରୁ ମୋଟ ୧୪ଜଣ ଘରକୁ ଫେରିଛନ୍ତି । ପରୀକ୍ଷାନିରୀକ୍ଷା ପରେ ସେମାନେ ନିଜ ନିଜର ଗାଁ କୁମାରୀ, ନୀଳକଣ୍ଠପୁର, ନେଉଳପୁର, କଣ୍ଟିଗଡିଆ, ଅରେଇକଣା, ରଗଡିପଶି, ବଡକାଏମା, ଇମାମ୍‌ନଗର, ମିର୍ଜାପୁର ଆଦି ଅଞ୍ଚଳକୁ ଚାଲି ଯାଇଛନ୍ତି । ବାହାର ଅଞ୍ଚଳରୁ ବହୁ ସଂଖ୍ୟାରେ ଘରକୁ ଫେରିବା ସମ୍ଭାବନା ଥିବାରୁ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଉଠିଛି । ଏଥିନେଇ ସ୍ୱାସ୍ଥ୍ୟ ବିଭାଗ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି । ଏପଟେ ଆବଶ୍ୟକ ମୁତାବକ ମାସ୍କ ଓ ସାନିଟାଇଜର ଖୋଲା ବଜାରରେ ମିଳୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିନେଇ ଯୋଗାଣ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।




# ଅଦେଖା ଶତ୍ରୁ କବଳରେ ଭାରତୀୟ ଶିଶୁ



ନିକଟରେ ଏକ ଆନ୍ତର୍ଜାତିକ ସଂଗଠନ ପକ୍ଷରୁ ଆମ ଦେଶ ସମେତ ପୃଥିବୀର ବିଭିନ୍ନ ଦେଶର ଶିଶୁମାନଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଯେଉଁ ସର୍ଭେ କରାଯାଇଥିଲା ତାହାର ଫଳାଫଳ ଆମ ପାଇଁ ଉଦ୍‌ବେଗଜନକ ମନେହୁଏ। 'ଡିଓ୍ୱର୍ମ ଦି ଓ୍ୱାର୍ଲଡ୍' ନାମକ ଏହି ସଂସ୍ଥା ପକ୍ଷରୁ ସର୍ଭେ ପରେ ଘୋଷଣା କରାଯାଇଛି ସାରା ପୃଥିବୀରେ ଏସିଆ ମହାଦେଶରେ ତଥା ଆଫ୍ରିକାରେ ସର୍ବାଧିକ ଶିଶୁ ଏବେ ବିଭିନ୍ନ ପ୍ରକାର କୃମି ଦ୍ୱାରା ଆକ୍ରାନ୍ତ। ୬ରୁ ୧୪ବର୍ଷ ବୟସ୍କ ଆମ ଦେଶର ଶତକଡ଼ା ୫୧ ଭାଗ ଶିଶୁଙ୍କ ପେଟରେ ବିଭିନ୍ନ ଜାତିର କ୍ଷତିକାରକ କୃମି ରହି ଏମାନଙ୍କ ମଧ୍ୟରୁ ଅନେକଙ୍କର ଅସମୟ ମୃତ୍ୟୁପାଇଁ ଯେ ଦାୟୀ ଏହା ସଭ୍ୟ ସମାଜ ପାଇଁ ଏକ ଉଦ୍‌ବେଗଜନକ ତଥ୍ୟ। ଏଭଳି କୃମି ସଂକ୍ରମିତ ଶିଶୁର ଠିକ୍ ଭାବେ ବିକାଶ ଘଟୁନାହିଁ। ଅନେକ ରକ୍ତହୀନତା ଓ ପୁଷ୍ଟିହୀନତା ଭଳି ମାରାତ୍ମକ ରୋଗ ଭୋଗୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଶତକଡ଼ା ୮୦ ଭାଗ ଲୋକ ଏ ସଂପର୍କରେ କିଛି ଜାଣି ନାହାଁନ୍ତି। ଫଳରେ ପିଲାମାନେ କ୍ରମେ ରୋଗଣା ହୋଇ ସହଜରେ ବିଭିନ୍ନ ମାରାତ୍ମକ ରୋଗଦ୍ୱାରା ଆକ୍ରାନ୍ତ ହେବାର ଦେଖାଯାଉଛି। ଆମ ରାଜ୍ୟରେ ବିଭିନ୍ନ ଆଦିବାସୀ ବହୁଳ ଅଞ୍ଚଳ, ଗ୍ରାମାଞ୍ଚଳ ତଥା ସହରର ବସ୍ତି ଅଞ୍ଚଳରେ ଜନସଂଖ୍ୟାରେ ଶତକଡ଼ା ୫ରୁ ୭୬ ପ୍ରତିଶତ ଶିଶୁ ଏଭଳି କୃମିଦ୍ୱାରା ଆକ୍ରାନ୍ତ ହୋଇଥିବାବେଳେ କେବଳ ଆଦିବାସୀ ବହୁଳ ଅଞ୍ଚଳରେ ଏମାନଙ୍କ ମାତ୍ରା ଶତକଡ଼ା ୫୦ରୁ ଅଧିକ ହେବା ଏକ ଗୁରୁତର ବିଷୟ। ସାରା ଦେଶରେ ଏବେ ଭବିଷ୍ୟତ ବଂଶଧରଙ୍କ ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ଏଭଳି କୃମିଙ୍କ ଅଭିବୃଦ୍ଧି ଏକ ଆତଙ୍କ ସୃଷ୍ଟି କଲାଣି। ଇତି ମଧ୍ୟରେ ଦିଲ୍ଲୀ ସରକାର, ବିହାର ତଥା ଆମ ରାଜ୍ୟରେ ପିଲାମାନଙ୍କୁ କୃମି ସଂକ୍ରମଣରୁ ରକ୍ଷା କରିବାକୁ ସ୍କୁଲ ସ୍ତରରୁ କୃମିନାଶକ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ଏକ ଉଲ୍ଲେଖନୀୟ ପଦକ୍ଷେପ। ଅନେକ ପାଠକ ହୁଏତ ଭୁଲିଯାଇଥିବେ ଯେ ୨୦୧୬ରେ ଯାଜପୁରର ନଗଡ଼ା ଅପପୁଷ୍ଟି ଘଟଣାକୁ ନେଇ ଜାତୀୟ ଗଣମାଧ୍ୟମରେ ହଇଚଇ ସୃଷ୍ଟି କରିଥିଲା। ସେ ସମୟରେ ୨୦ରୁ ଊର୍ଦ୍ଧ୍ୱ ପାଖାପାଖି ପିଲାଙ୍କ ଜୀବନ ଏହି ଅପପୁଷ୍ଟି ହିଁ ନେଇଥିଲା। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସର୍ବଶେଷ ପରିସଂଖ୍ୟାନର ତଥ୍ୟ କହୁଛି କି ରାଜ୍ୟରେ ଏବେ ବି ୨୩୪୨୯ଜଣ ଶିଶୁ ଏହି ଅପପୁଷ୍ଟି ରାକ୍ଷସର ଶିକାର ହୋଇଥିବାବେଳେ କଳାହାଣ୍ଡି ହେଉଛି ରାଜ୍ୟର ସବୁଠାରୁ ଅପପୁଷ୍ଟି ପ୍ରବଣ ଜିଲ୍ଲା। ରାଜ୍ୟରେ ମୋଟ ୭୨୫୮୭ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଥିବାବେଳେ ତାହା ଭିତରୁ ୧୪୭୪୮୧୦ଜଣ ଶିଶୁ ପ୍ରାକ୍ ବିଦ୍ୟାଳୟ ଶିଶୁ ନିୟମିତ ଆସୁଛନ୍ତି। ରାଜ୍ୟ ସରକାର ବିଶେଷକରି ବିପିଏଲ ପରିବାରର ଅର୍ନ୍ତଭୁକ୍ତ ହିତାଧିକାରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗଉଛନ୍ତି। ଏଠାରେ ପାଠକଙ୍କୁ ସୂଚୀତ କରାଇ ଦିଆଯାଇପାରେ କି ୨୦୧୭-୧୮ରେ ଓଡ଼ିଶା ସରକାର ଏକ ଆନ୍ତରିକପୂର୍ଣ୍ଣ ପଦକ୍ଷେପ ନେଇ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ସବୁ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସରକାର ୮୦୮କୋଟି ୯୮ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲେ। ଓଡ଼ିଶାର ଆଦିବାସୀ ଜନବହୁଳ ଓ ଉପାନ୍ତ ବଲାଙ୍ଗୀର ଓ କନ୍ଧମାଳ ଜିଲ୍ଲାରେ ପ୍ରାଥମିକ ଭାବେ ୪୩୦୦ ଶିଶୁଙ୍କୁ ଅପପୁଷ୍ଟିର ଶିକାର ହୋଇଥିବାରୁ ସେମାନଙ୍କୁ ଚିହ୍ନଟ କରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସରକାର ୧୩୬ଟି ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରିବା ସହ ନଗଡ଼ା ଶିଶୁ ଅପମୃତ୍ୟୁ ପରେ ୨୦୧୭-୧୮ରେ ୩୬୨୯ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ମାନଙ୍କୁ ରଖି ଖାଦ୍ୟ ପ୍ରଦାନ କରୁଛନ୍ତି। ସେହିପରି ସାରା ପୃଥିବୀରେ ଏବେ ୪୪ କୋଟିରୁ ଅଧିକ ସ୍କୁଲ ଛାତ୍ରଛାତ୍ରୀ କୃମିଦ୍ୱାରା ଆକ୍ରାନ୍ତ ହୋଇ ଅପପୁଷ୍ଟି ରୋଗ ଭୋଗୁଥିବାବେଳେ ଆମେ ଏକବିଂଶ ଶତାବ୍ଦୀରେ ବୈଜ୍ଞାନିକ ଅଭ୍ୟୁଦୟର ସମୟ ମଧ୍ୟରେ ଏବେ ଗତି କରୁଛେ ବୋଲି କହିପାରିବା କି? ପୁଷ୍ଟିହୀନ ରୋଗଣା ଭବିଷ୍ୟତ ବଂଶଧରଙ୍କୁ ନେଇ କୌଣସି ଦେଶ ବା ଜାତି ବିକାଶର ସ୍ୱପ୍ନ ଦେଖିବା ଅସମ୍ଭବ। ଜାତିକୁ ସମୃଦ୍ଧ କରିବା ପାଇଁ ସୁସ୍ଥ, ସବଳ, ହୃଷ୍ଟପୁଷ୍ଟ ତଥା ଶିକ୍ଷିତ ଯୁବପିଢ଼ି ଆବଶ୍ୟକ। ସାମାନ୍ୟ ସଚେତନତା ମାଧ୍ୟମରେ ଆମେ ଅଦେଖା ଶତ୍ରୁ କୃମିଦାଉରୁ ପିଲାମାନଙ୍କୁ ସୁରକ୍ଷିତ ରଖିପାରିବା। ରାଜ୍ୟ ସରକାର କୃମିନାଶ ପାଇଁ ସ୍କୁଲସ୍ତରରେ ମାଗଣା କୃମିନାଶକ ଔଷଧ ବିତରଣ ପାଇଁ ନେଇଥିବା ଉଦ୍ୟମ ବର୍ତ୍ତମାନ ପରିସ୍ଥିତିରେ ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ସମସ୍ତ ଜିଲ୍ଲାକୁ ବିସ୍ତାର କରାଯିବା ଆବଶ୍ୟକ। ଏଥିରେ ମଧ୍ୟ ନିୟମିତତା ରକ୍ଷା କରାଯିବା ଜରୁରୀ। ସହରାଞ୍ଚଳର ବସ୍ତି ଓ ପରିମଳ ବିପର୍ଯ୍ୟସ୍ତ ଥିବା ଅଞ୍ଚଳରେ ମଧ୍ୟ ଏହି କାର୍ଯ୍ୟ ଆରମ୍ଭ କରାଯାଉ। ଦୂଷିତ ପାନୀୟ ଜଳ କୃମି ବୃଦ୍ଧିର ଏକ ବଡ଼ କାରଣ ହୋଇଥିବାରୁ ବିଶୁଦ୍ଧ ପାନୀୟ ଜଳ ଉପରେ ଗୁରୁତ୍ୱ ଦିଆଯିବା ସହ ଖାଇବା ପୂର୍ବରୁ ହାତ ଧୋଇବା ଅଭ୍ୟାସ ମାଧ୍ୟମରେ ଆମେ ଏମାନଙ୍କ ଦାଉରୁ ପିଲାମାନଙ୍କୁ ସୁରକ୍ଷିତ ରଖି ପାରିବା। ନିକଟରେ ଆମେ ବିଶ୍ୱ ହାତଧୁଆ ଦିବସ ପାଳନ କରି ଏ ଦିଗରେ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିସାରିଛେ। ହେଲେ ଏ ଦିଗରେ ଅଧିକ ସଚେତନତା କାର୍ଯ୍ୟକ୍ରମ ଆବଶ୍ୟକ। ସରକାରଙ୍କ କାର୍ଯ୍ୟକ୍ରମ ସହ ପ୍ରତ୍ୟେକ ପରିବାର ନିଜେ ସଚେତନ ହୋଇପାରିଲେ ଓ ଅତି ଛୋଟ ଛୋଟ ବିଷୟ ପ୍ରତି ଦୃଷ୍ଟିଦେଇପାରିଲେ ଆମେ ଆମର ଭବିଷ୍ୟତ ବଂଶଧର ତଥା ନିଜକୁ ମଧ୍ୟ ଏଭଳି ମାରାତ୍ମକ ଅଣୁଜୀବଙ୍କ କବଳରୁ ସୁରକ୍ଷିତ ରଖିପାରିବା ସହ ଭବିଷ୍ୟତର ଏକ ସୁସ୍ଥ, ବିକଶିତ ଭାରତବର୍ଷର ସ୍ୱପ୍ନ ଦେଖିପାରିବା ବୋଲି କୁହାଯାଇପାରେ।

**ଡାକ୍ତର ନୀଳମାଧବ ପୃଷ୍ଟି,** ପାଣିକୋଇଲି, ଯାଜପୁର, ଦୂରଭାଷ : ୯୪୩୯୪୮୨୫୨୬

# ଅଗ୍ନିହୋତ୍ରର ସୁଦୂରପ୍ରସାରୀ ପ୍ରଭାବ ଅଛି



ଭୁବନେଶ୍ୱର (ପିଏନ୍): କରୋନା ଭୂତାଣୁକୁ ଭୟ ନକରି ଘରେ ବାହାରେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ସହ ନିତ୍ୟ ପ୍ରତି ସ୍ୱଗୃହରେ ଅଗ୍ନିହୋତ୍ର କରିବା ପାଇଁ ବିଶିଷ୍ଟ ଜ୍ୟୋତିର୍ବିତ, ଯଜ୍ଞ ପୁରୁଷ ଡଃ ନିରଂଜନ ବ୍ରହ୍ମା କହିଛନ୍ତି। ଚନ୍ଦ୍ରଶେଖରପୁରସ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଡଃ ବ୍ରହ୍ମା କହିଲେ ଯେ, ଜ୍ୟୋତିଷ ଶାସ୍ତ୍ର ମତରେ ଧନୁ ରାଶିରେ ବୃହସ୍ପତି, ମଙ୍ଗଳ, କେତୁ ଗ୍ରହ ଏକତ୍ରିତ ହେଲେ ଦୈବୀ ଦୁର୍ବିପାକ ତଥା ମହାମାରୀ ବ୍ୟାପି ଯାଇଥାଏ ଓ ଯମଙ୍କର ଯଦି ଦୃଷ୍ଟି ବିନିମୟ ହୁଏ, ତେବେ ଏହି ଭୂତାଣୁ ବିଶ୍ୱକୁ ବ୍ୟାପିଯାଇଥାଏ। ପୁନର୍ବାର ଏହି ଗ୍ରହମାନଙ୍କ ମଧ୍ୟରୁ କୌଣସି ଗ୍ରହ ବାହାରିଯିବା ପରେ ରୋଗର ଉପଶମ ହୋଇଥାଏ। ତା୨୯/୩/୨୦୨୦ ରିଖରେ ବୃହସ୍ପତି ମକର ରାଶିକୁ ଅତିସାର ହେଉଛନ୍ତି ଓ ତା୭/୪/୨୦୨୦ ରିଖରେ ମଙ୍ଗଳ, ଶ୍ରବଣା ନକ୍ଷତ୍ର ମକର ରାଶିକୁ ଯାଉଛନ୍ତି। ଏଣୁ ଭୂତାଣୁର ପ୍ରକୋପ ବିଶ୍ୱରେ ତା୭/୪/୨୦୨୦ରିଖ ପର୍ଯ୍ୟନ୍ତ ରହିବ। ତା'ପରେ ଆସ୍ତେ ଆସ୍ତେ ପ୍ରଭାବଶୂନ୍ୟ ହେବ। ଏଣୁ ବିଶେଷ ଭାବରେ ଓଡ଼ିଶାର ଜନସାଧାରଣଙ୍କୁ ବିନମ୍ର ନିବେଦନ, କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ। ନିଜେ ସଚେତନ ରହିବା ସହ ଅନ୍ୟଙ୍କୁ ସଚେତନ କରନ୍ତୁ। ପରମେଶ୍ୱର ପରମାତ୍ମାଙ୍କ ଉପରେ ଭରସା ରଖନ୍ତୁ। ପରିବେଶକୁ ଶୁଦ୍ଧ ରଖିବା ପାଇଁ ହଜାର ହଜାର ବର୍ଷ ତଳେ ମୁନିଋଷିମାନେ, ଗୃହସ୍ଥମାନେ ଦୈନିକ ଅଗ୍ନିହୋତ୍ର କରୁଥିଲେ। ଯଜ୍ଞରେ ପଡୁଥିବା ଔଷଧୀୟ ପଦାର୍ଥ, ବାୟୁମଣ୍ଡଳକୁ ଶୁଦ୍ଧ କରୁଥିଲା। ଏଣୁ ନିଜ ନିଜର ସାଧ୍ୟମତେ, ସ୍ୱଗୃହରେ ହବନ (ହୋମ) କରନ୍ତୁ। ମନ୍ତ୍ର ନ ଜାଣିଥିଲେ 'ଓଁ ସ୍ୱାହା' କହି ୨୦ଟି ଆହୂତି ଦିଅନ୍ତୁ। ହବନରେ ଗୋ ଘୃତ ସହ ଶୁଖିଲା ତୁଳସୀ ଡାଳ, ଶୁଖିଲା ଗେଣ୍ଡୁଫୁଲ, ନିମ୍ବ ଓ ବେଲର ଶୁଖିଲା ପତ୍ର ସହ ଗ୍ରାମାଂଚଳରେ ମିଳୁଥିବା ଘସିକୁ ମଧ୍ୟ ବ୍ୟବହାର କଲେ ବାୟୁମଣ୍ଡଳ ଶୁଦ୍ଧ ହେବ। ଏହି କାର୍ଯ୍ୟକ୍ରମରେ ଆର୍ଯ୍ୟ ସମାଜ ଓଡିଶାର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଉପସ୍ଥିତ ଥିଲେ।

## କରୋନା ନିରାକରଣ ପାଇଁ ରାଜଧାନୀରେ ବୁଲିଲା ଧୂଆଁ ରଥ

ଭୁବନେଶ୍ୱର (ପିଏନ୍): କରୋନା ନିରାକରଣ ପାଇଁ ଧଉଳି ସନ୍ଥଶ୍ରୀ ଆାଶାରାମଜୀ ଆଶ୍ରମ ପକ୍ଷରୁ ଧୂଆଁ ରଥ ଭୁବନେଶ୍ୱରରେ ବିଭିନ୍ନ ଗଳିକନ୍ଦିରେ ଚାରିଦିନ ହେଲା ବୁଲୁଛି। ଏହା ପ୍ରଥମେ ପୁରୁଣା ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା। ଏଥିରେ ମହାଗୁଗୁଳ, ଗୋବ ଘଷି, ନିମ୍ବପତ୍ର, ବେଲପତ୍ର, ଦେଶୀ ଘିଅ, କର୍ପୁର ସହ ବିଭିନ୍ନ ଜଡ଼ିବୁଟି ମିଶ୍ରିତ ହୋଇ ଧୂଆଁ ଦିଆଯାଉଛି। ଏହି ଧୂଆଁ ଦ୍ୱାରା ଜୀବାଣୁ ପ୍ରବେଶ କରିପାରିବେ ନାହିଁ ବୋଲି ଆଶ୍ରମ ସଭ୍ୟମାନେ କହିଛନ୍ତି। ଏହାକୁ ଶୈଳେନ୍ଦ୍ର ନାରାୟଣ ସେନାପତି ସଂଯୋଜନା କରିଥିବା ବେଳେ ସୂର୍ଯ୍ୟମଣି ସାମଲ, ଅକ୍ଷୟ ରାଉତ ଓ ଶତାଧିକ ଆଶ୍ରମ ସଭ୍ୟ ଏଥିରେ ସାମିଲ ହୋଇଛନ୍ତି।

# ବିଶିଷ୍ଟ ସନ୍ତରଣକାରୀ ମିହିର୍ ସେନ





ବିଶିଷ୍ଟ ସନ୍ତରଣକାରୀ ମିହିର ସେନ ୨୭ ସେପ୍ଟେମ୍ବର ୧୯୫୮ ମସିହାରେ ଡୋଭର୍‌ରୁ କାଲେ ପର୍ଯ୍ୟନ୍ତ ପହଁରି ଇଂଲିଶ ଚ୍ୟାନେଲ୍‌ରେ ପ୍ରଥମ ଭାରତୀୟ ବିଜେତା ଭାବରେ ଆନ୍ତର୍ଜାତିକ ଖ୍ୟାତି ଲାଭ କରିଥିଲେ। କେବଳ ସେତିକି ନୁହେଁ, ଦୁଃସାହସିକ ରୋମାଞ୍ଚର ଅନୁଧାବନ କରି ସେ ୧୯୬୬ ମସିହାରେ ପାଞ୍ଚଟି ମହାଦେଶର ବିଭିନ୍ନ ସାଗର ପ୍ରଣାଳୀ ମାନଙ୍କୁ ଯେପରିକି ଭାରତ ଓ ସିଂହଳ ଭିତରର ପାକ୍ ଷ୍ଟ୍ରେଟସ, ସ୍ପେନ ଓ ମରୋକ୍କୋ ଭିତରର ଷ୍ଟ୍ରେଟ୍‌ସ ଅଫ୍ ଜିବ୍ରାଲିଟର୍, ତୁର୍କିସ୍ତାନର ଆଏଜିଆନ୍ ସି ଏବଂ ସି ଅଫ୍ ମାର୍ମରା ମଝିରେ ଥିବା ଷ୍ଟ୍ରେଟ୍ ଅଫ୍ ଡାର୍ଡାନେଲିସ୍, ତୁର୍କିସ୍ତାନର ଅନ୍ୟତମ ପ୍ରଣାଳୀ ବସ୍‌ଫରସ୍, ଯାହା ବ୍ଲାକ୍ ସି ଓ ଭୂମଧ୍ୟ ସାଗରକୁ ଯୋଡ଼େ ଏବଂ ଇସ୍ତାନ୍‌ବୁଲ୍‌କୁ ଦୁଇଭାଗ କରିଥାଏ, ତଥା ଆଟ୍‌ଲାଣ୍ଟିକ୍ ଓ ପ୍ରଶାନ୍ତ ମହାସାଗରକୁ ଯୋଡୁଥିବା ୭୭ କିଲୋମିଟରର ପାନାମା କେନାଲକୁ ଅତିକ୍ରମ କରି ଗିନିଜ୍ ବୁକ୍ ଅଫ୍ ଓ୍ୱାର୍ଲଡ଼ ରେକର୍ଡ଼ରେ ସ୍ଥାନ ଲାଭ କରିଥିଲେ। ୧୯୩୦ ମସିହା ୧୬ ନଭେମ୍ବରରେ ପୁରୁଲିଆରେ ଜନ୍ମ ଗ୍ରହଣ କରିଥିବା ମିହିର ସେନ୍ ମାତ୍ର ଆଠ ବର୍ଷ ବୟସ୍କ ହୋଇଥିବା ସମୟରେ ପୋଷାରେ ଡାକ୍ତର ଥିବା ତାଙ୍କ ବାପା ଡାକ୍ତର ରମେଶ ସେନଗୁପ୍ତାଙ୍କ ସହ କଟକ ଚାଲି ଆସିଥିଲେ। ପ୍ରାରମ୍ଭିକ ପାଠପଢ଼ା ତାଙ୍କର କଟକର ରେଭେନ୍ସା କଲିଜିଏଟ ସ୍କୁଲ ଓ ପରେ ଉଚ୍ଚଶିକ୍ଷା ରେଭେନ୍ସା କଲେଜରୁ ପାଇଥିଲେ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ୩୫୦ ମାଇଲ ଦୈର୍ଘ୍ୟ ଓ ଚଉଡା ସ୍ଥାନରେ ପ୍ରଶସ୍ତ ଥିବା ୧୫୦ ମାଇଲ ବିଶିଷ୍ଟ ଇଂଲିଶ ଚ୍ୟାନେଲ ହେଉଛି ଆଟ୍‌ଲାଣ୍ଟିକ ମହାସାଗରର ଏକ ପ୍ରମୁଖ କ୍ଷେତ୍ର। ଏହା ନର୍ଥ ସି କୁ ଆଟ୍‌ଲାଣ୍ଟିକ ସହିତ ସଂଯୋଗ କରିଥାଏ। ମିହିର ସେନ୍ ଲଣ୍ଡନରେ ବାରିଷ୍ଟରି ପାଠ ପଢ଼ିବା ସମୟରେ ଭାରତୀୟ ହାଇକମିଶନରରେ ଜଣେ କିରାଣୀ ଭାବେ ଏକ ପ୍ରକାର ପାର୍ଟ ଟାଇମ୍ ଚାକିରୀ କରୁଥିଲେ। ବିଧିବଧ ଭାବେ ସେ ସନ୍ତରଣ ପାଇଁ ସେପରି ପ୍ରଶିକ୍ଷା ନ ପାଇବି ସେ କିନ୍ତୁ ଏହି ଚ୍ୟାନେଲ୍ ଅତିକ୍ରମ କଲାପରେ ସମଗ୍ର ବିଶ୍ୱରେ ସେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିଲେ। ମିହିର ସେନ ସର୍ବପ୍ରଥମେ ୧୫ ଅଗଷ୍ଟ ୧୯୫୫ ମସିହାରେ ଇଂଲଣ୍ଡର ସମୁଦ୍ର କୂଳରୁ ସନ୍ତରଣର ପ୍ରାରମ୍ଭିକ ଯାତ୍ରା ଆରମ୍ଭ କରିଥିଲେ। ତେବେ ସେ ପ୍ରାଥମିକ ଅବସ୍ଥାରେ ସେପରି ସଫଳତା ପାଇନଥିଲେ। ହଜାରେ ବର୍ଷର ପରିଚୟକୁ ନେଇ ସମୃଦ୍ଧ କଟକ ସହରରେ ନିଜ କିଶୋର ଜୀବନ ବିତାଇ ଯେଉଁ ଦୁଇଜଣ ପ୍ରସିଦ୍ଧ ବଙ୍ଗାଳୀ ଯୁବକ ପୃଥିବୀ ବିଖ୍ୟାତ ହୋଇଥିଲେ ଜଣେ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଅନ୍ୟ ଜଣେ ଥିଲେ ମିହିର ସେନ୍। ଅନେକ ହୁଏତ ଜାଣି ନାହାଁନ୍ତି ଏହି କଟକ ସହରର ବୁଢ଼ୀଠାକୁରାଣୀ ସାହିରେ ଫକିରବାଡ଼ା ପୋଖରୀ କୂଳରେ ଥିବା ତାଙ୍କ ବାପାଙ୍କ ଘରେ ସେ ସେହି ପୋଖରୀ କୂଳକୁ ଚାହିଁ ସନ୍ତରଣ ପାଇଁ ସ୍ୱପ୍ନ ଦେଖିଥିଲେ। ସେ ତାଙ୍କ ସନ୍ତରଣ ଜୀବନର ସ୍ମରଣୀୟ ମୁହୂର୍ତ୍ତକୁ ଯେଉଁ ଭାବର ସହିତ ଲେଖିଥିଲେ ତାହା ପ୍ରଖ୍ୟାତ୍ ସାମ୍ବାଦିକ, ସ୍ତମ୍ଭକାର ଓ ଲେଖକ ଖୁସ୍‌ଓ୍ୱନ୍ତ ସିଂହଙ୍କ ଦ୍ୱାରା ସମ୍ପାଦିତ 'ଯୋଜନା' ପତ୍ରିକାରେ ୨୬ ଜାନୁୟାରୀ ୧୯୫୯ ମସିହାର ସଂଖ୍ୟାରେ ପ୍ରକାଶ ପାଇବା ପରେ ଏହା ପାଠକୀୟ ମହଲରେ ବେଶ୍ ଆଦୃତି ଲାଭ କରିଥିଲା। ସେ ଇଂଲିଶ ଚ୍ୟାନେଲକୁ ଅତିକ୍ରମ କରିବା ପାଇଁ ଅନେକ ଯୋଜନା କରୁଥିବା ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହୁରଙ୍କଠାରୁ ସହଯୋଗ ପାଇବା ପାଇଁ ଖଣ୍ଡେ ଚିଠି ଲେଖିଥିଲେ। କିନ୍ତୁ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ ଯେତେବେଳେ ନେହରୁଙ୍କ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତାଙ୍କ ଚିଠିର ପ୍ରତ୍ୟୁତ୍ତର ପାଇବା ସହ ଭାରତ ସରକାରଙ୍କ ପାଖରୁ କିଛି ଆର୍ଥିକ ସହାୟତା ମଧ୍ୟ ପାଇଥିଲେ। ଯଦିଓ ପରବର୍ତ୍ତୀ ସମୟରେ ପ୍ରଫେସର ହୁମାୟୁନ କବୀର, ପିସି ସେନ୍, ଡକ୍ଟର ଶ୍ରୀମାଳୀ ଓ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ସହଯୋଗ ଓ ପ୍ରୋତ୍ସାହନ ପାଇଥିଲେ। ସେ ବିଦେଶରେ ଥିବା ସମୟରେ ବେଲାର ନାମକ ଜଣେ ଇଂଲିଶ ଯୁବତୀଙ୍କୁ ବିବାହ କରିଥିଲେ। ମିହିର ସେନ ବିଦେଶରୁ ବିଧିବଦ୍ଧ ଭାବେ ଓକିଲାତି ପାଠ ପଢ଼ିସାରିବା ପରେ କୋଲକାତା ହାଇକୋର୍ଟରେ ଆଇନ ବୃତ୍ତିରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ତେବେ ପ୍ରଥମେ ଏକ ବ୍ୟବସାୟରେ ପସି ଥିବା ମିହିର ସେନ ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗର ତତ୍କାଳୀନ ପ୍ରଭାବଶାଳୀ ବାମପନ୍ଥୀ ନେତା ଜ୍ୟୋତି ବସୁଙ୍କ ତାଙ୍କ ଦଳରେ ଯୋଗଦାନ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ ବାମପନ୍ଥୀ ଚିନ୍ତାଧାରାର ବିରୋଧୀ ଥିବାରୁ ଯୋଜନାବଦ୍ଧ ଭାବେ ଅନେକ ଅକଥନୀୟ ଘଟଣାକୁ ସାମ୍ନା କରିଥିଲେ। ସମଗ୍ର ବିଶ୍ୱରେ ସନ୍ତରଣରେ ଭାରତର ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରାଇଥିବା ଏହି ବିଶିଷ୍ଟ ସନ୍ତରଣକାରୀ ମାତ୍ର ୫୦ ବର୍ଷ ବୟସରେ ବିଭିନ୍ନ ସରକାରୀ ବିରୋଧୀ ମାମଲାରେ ଅଭାବନୀୟ ଭାବେ ପେଷି ହୋଇ ରୋଗାକ୍ରାନ୍ତ ହୋଇପଡ଼ିଥିଲେ। କୋଲକତାର ସ୍ଲଟ୍‌ଲେକ ଅନ୍ତର୍ଗତ ଆନନ୍ଦାଲୋକ ଚାରିଟେବୁଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଶେଷ ସମୟରେ ତାଙ୍କ ପରିବାରର କେହି ବି ନିକଟରେ ନଥିଲେ। ୧୯୯୭ ଜୁନ୍ ୧୧ ତାରିଖରେ ଏହି ବିଜୟୀ ନାୟକଙ୍କ ଜୀବନ ଦୀପ ଲିଭିଯାଇଥିଲା।

**ଡଃ. ଅରୁନ୍ଧତୀ ଦେବୀ,** ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦

# ରାଜ୍ୟ ସରକାର ନିର୍ଦ୍ଦେଶ ଦେଲେ କରୋନା ମୁକାବିଲା ପାଇଁ ସହଯୋଗର ହାତ ବଢାଇବ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ

ଭୁବନେଶ୍ୱର (ପିଏନ୍): ମହାମାରୀ କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ଯେଉଁସବୁ ପଦକ୍ଷେପ ନେଇଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ବର୍ତ୍ତମାନ ଭାରତ ସମେତ ସାରା ରାଜ୍ୟରେ କରୋନା ଯେଉଁଭଳି ଭାବେ ମହାମାରୀର ରୂପ ଧାରଣ କରିଛି, ସେଥିପ୍ରତି ସାଧାରଣ ଲୋକଙ୍କୁ ସଚେତନତା କରାଇବା ନିହାତି ଜାରୁରୀ। ଏହି ପରିପ୍ରେକ୍ଷୀରେ ଗତ ତା୧୩.୩.୨୦୨୦ରିଖ ଦିନ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକିଶୋର ଦାସଙ୍କୁ ଭେଟି ସଂଘର ପ୍ରତିନିଧିମାନେ ସାରା ଭାରତରେ ଦେଖାଦେଇଥିବା କରୋନା ଭାଇରସର ମୁକାବିଲା ପାଇଁ ସରକାରଙ୍କୁ ବିନା ପାରିଶ୍ରମିକରେ ପ୍ରାଥମିକ ଚିକିତ୍ସା ସହିତ ସଚେତନତା କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗର ହାତ ବଢାଇବ ବୋଲି ଏକ ଲିଖିତ ଚିଠି (ନଂ-୪୪୦/ଏଏନ୍ଏମ୍/୨୦୨୦ ତା୧୩.୩.୨୦୨୦) ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟ ସଚିବ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟକୁ ଇ-ମେଲ୍ ଯୋଗେ ପ୍ରେରଣ କରିଛନ୍ତି। ଏହାବ୍ୟତୀତ ମାନ୍ୟବର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଯଦି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଯେକୌଣସି ମୁହୂର୍ତ୍ତରେ କରୋନା ମୁକାବିଲା ପାଇଁ ନିର୍ଦ୍ଦେଶ ଦିଅନ୍ତି, ତେବେ ଅଣନିଯୁକ୍ତ ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ତତ୍‌କ୍ଷଣାତ୍ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗର ହାତ ବଢାଇବ ବୋଲି ସଂଘର ରାଜ୍ୟ ସଭାପତି ପାର୍ଥସାରଥୀ ଜେନା ଜଣାଇଛନ୍ତି। ଏଥିପାଇଁ ସମସ୍ତ ଜିଲ୍ଲାର ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଏ ଦିଗରେ ପ୍ରସ୍ତୁତ ହୋଇ ସରକାରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଛନ୍ତି।

# ଏଚ୍‌ଆଇଭି ସଂକ୍ରମଣ ଓ ଜନସଚେତନତା



ଭୁବନେଶ୍ୱର (ପିଏନ୍): ସର୍ବଭାରତୀୟ ସ୍ତରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ଏକ ଅଭିବୃଦ୍ଧି ଅଭିମୁଖୀ ଓ କଲ୍ୟାଣକାରୀ ସେବା ଯୋଜନାରେ ସ୍ୱତନ୍ତ୍ରତା ବଜାୟ ରଖିଥିବା ରାଜ୍ୟ ଭାବେ ନିଜକୁ ପରିଚିତ କରାଇପାରିଛି। ସ୍ୱାସ୍ଥ୍ୟସେବା ପରି ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ ଓଡ଼ିଶା ସରକାର ଅନେକ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ସହଯୋଗ ନପାଇ ମଧ୍ୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଓଡ଼ିଶାରେ ଏଚ୍‌ଆଇଭି ସଂକ୍ରମଣକୁ ନେଇ ଅନେକ ସମୟରେ ତୁମ୍ବିତୋଫାନ ହୋଇଥାଏ ଓ ଗଣମାଧ୍ୟମରେ ଏହା ଏକ ପ୍ରମୁଖ ଖବରର ସ୍ଥାନ ମଧ୍ୟ ପାଇଥାଏ। ନିକଟରେ ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ରାଜ୍ୟରେ ଏଚ୍‌ଆଇଭି ସଂକ୍ରମଣକୁ ନେଇ ଜନସଚେତନତା ବଢୁଛି। କେବଳ ସେତିକିନୁହେଁ ତୁଳନାତ୍ମକ ଭାବରେ ଦେଖିଲେ ଜଣାଯାଏକି ପୂର୍ବ ବର୍ଷ ଅପେକ୍ଷା ସଂପ୍ରତି ଏଚ୍‌ଆଇଭି ପରୀକ୍ଷା କ୍ଷେତ୍ରରେ ୮୦ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହି କ୍ରମକୁ ଦେଖିଲେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ତତ୍ପରତାକୁ ଗୁରୁତ୍ୱ ଦେଲେ ଏହା ସୁସ୍ପଷ୍ଟ ଆଗାମୀ ୨୦୨୦ ମସିହା ଭିତରେ ରାଜ୍ୟରେ ମାଆ ଠାରୁ ତା'ର ଗର୍ଭସ୍ଥ ଶିଶୁକୁ ଏଚ୍‌ଆଇଭି ସଂକ୍ରମଣକୁ ପ୍ରତିରୋଧ କରିବା ଓ ସିଫିଲିସ୍‌ର ନିରାକରଣ ହୋଇପାରିବ। ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଗର୍ଭବତୀ ମହିଳାଙ୍କର ଏଚ୍‌ଆଇଭି ଓ ସିଫିଲିସ୍ ସ୍କ୍ରିନିଂ କରାଯିବ। ଏଥିପାଇଁ ଦରକାର ପଡୁଥିବା, ପରୀକ୍ଷା ପାଇଁ ଆବଶ୍ୟକ କିଟ୍‌କୁ ଜାତୀୟ ଏଡ଼ସ୍ ନିୟନ୍ତ୍ରଣ ସମିତି ବା ନାକୋ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଓଡ଼ିଶା ପକ୍ଷରୁ ପ୍ରଦାନ କରାଯିବ। ଏ ନେଇ ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ପକ୍ଷରୁ ଏ ନେଇ ଆବଶ୍ୟକୀୟ ତଥ୍ୟ ଓ ସୂଚନା ସମସ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଓ ମେଡ଼ିକାଲ ଅଫିସର ମାନଙ୍କୁ ପ୍ରଦାନ କରାଯାଇଛି। ମାଆ ଠାରୁ ତାର ଶିଶୁକୁ ଏଚ୍‌ଆଇଭି ସଂକ୍ରମଣର ପ୍ରତିରୋଧ ପାଇଁ ଗର୍ଭଧାରଣର ପ୍ରଥମ ତିନିମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଏପରି ଏକ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ସମୟରେ ଏଆର୍‌ଟି ଔଷଧ ସେବନ ଦ୍ୱାରା ସଂକ୍ରମିତ ମାଆ ଠାରୁ ତାର ଗର୍ଭରେ ଥିବା ଶିଶୁକୁ ଏଚ୍‌ଆଇଭି ସଂକ୍ରମଣ ପ୍ରତିରୋଧ କରିବାର ଆବଶ୍ୟକତା ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତାର ଗୁରୁତ୍ୱପୂର୍ଣ୍ଣ ଯୋଜନା ଅନୁଯାୟୀ ସଂକ୍ରମଣକୁ ଏଡ଼ାଇବା ପାଇଁ ଦରକାର ପଡୁଥିବା ଏଚ୍‌ଆଇଭି ଓ ସିଫିଲିସ୍ ସ୍କ୍ରିନିଂକୁ ଅଧିକ ତ୍ୱରାନ୍ୱିତ କରାଯାଇ ପ୍ରାଥମିକ ଗୋଷ୍ଠୀ ସ୍ତରରେ ଏହାକୁ କାର୍ଯ୍ୟକାରୀ କରାଇବେ। ସ୍କ୍ରିନିଂରେ ଗର୍ଭବତୀ ମହିଳାମାନଙ୍କ ଠାରେ ଏଚ୍‌ଆଇଭି ସଂକ୍ରମଣ ଥିଲେ ଏହାକୁ ସୁନିଶ୍ଚିନ୍ତ କରିବା ପାଇଁ ସମନ୍ୱିତା ପରାମର୍ଶ ଓ ପରୀକ୍ଷା କେନ୍ଦ୍ର (ଆଇସିଟିସି) କେନ୍ଦ୍ରକୁ ପଠାଯିବ ଓ ପ୍ରସବ ପରେ ଶିଶୁର ରକ୍ତ ପରୀକ୍ଷା ଡିଏନ୍‌ଏ ପିସିଆର ପଦ୍ଧତିରେ କରାଯିବ। ସେହିପରି ସିଫିଲ୍ ସଂକ୍ରମଣ ଜାଣିବା ପାଇଁ ସଂପୃକ୍ତ ମହିଳାଙ୍କ ରକ୍ତର ର୍ୟାପିଡ଼ ପ୍ଲାଜମା ରିଆଜିନ୍ ବା ଆରପିଆର ପରୀକ୍ଷା କରାଯିବ। ପ୍ରାଥମିକ କ୍ଷେତ୍ର, ଗୋଷ୍ଠୀସ୍ତରରେ ଏଚ୍‌ଆଇଭି ଓ ସିଫିଲିସ୍ ଯାଞ୍ଚ ପାଇଁ ଯଥାକ୍ରମେ ହୋଲ ବ୍ଲଡ଼ ଫିଙ୍ଗର ଟେଷ୍ଟ କିଟ୍ ଓ ପଏଣ୍ଟ ଅଫ୍ କେୟାର ବା ପିଓସି ଆରପିଆର କିଟ୍ ବ୍ୟବହାର କରାଯିବ। ବିଗତ ବର୍ଷର ସଂଗୃହୀତ ତଥ୍ୟ ଅନୁଯାୟୀ ଯଦିଓ ଏଚ୍‌ଆଇଭି ପରୀକ୍ଷା ୪୦%ରୁ ୮୦%ରେ ପହଞ୍ଚିଛି ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଗର୍ଭବତୀ ମହିଳାଙ୍କର ଏଚ୍‌ଆଇଭି ପରୀକ୍ଷଣ, ଗର୍ଭଧାରଣର ପ୍ରଥମ ତିନିମାସ ମଧ୍ୟରେ ହୋଇପାରିନାହିଁ। ଏପରିକି ପରୀକ୍ଷଣ ସୁବିଧା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ମଧ୍ୟ ଉପଲବ୍ଧ ହୋଇପାରୁଛି। ବର୍ତ୍ତମାନ ରାଜ୍ୟର ପାଞ୍ଚୋଟି ଜିଲ୍ଲା ଜଗତ୍‌ସିଂହପୁର, ଖୋର୍ଦ୍ଧା, ଢ଼େଙ୍କାନାଳ, ବରଗଡ଼ ଓ ବଲାଙ୍ଗୀର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ନିଷ୍ପାପର ଓ ବେଶ୍ ଯୋଜନାବଦ୍ଧ ଭାବେ ସଫଳ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ରାଜ୍ୟ ଏଡ଼୍‌ସ ନିୟନ୍ତ୍ରଣ ସମିତି ଓ ଅନ୍ୟାନ୍ୟ ସହାୟକ ସଂସ୍ଥାମାନେ ନିଜସ୍ୱ ବାର୍ଷିକ କାର୍ଯ୍ୟକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ଗର୍ଭବତୀ ମହିଳାମାନଙ୍କୁ ଏଚ୍‌ଆଇଭି ସଂକ୍ରମଣ ନହେବା ପାଇଁ ଓସାକ୍ସ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବର୍ତ୍ତମାନ କେବଳ ସହର ନୁହେଁ ଗ୍ରାମାଞ୍ଚଳକୁ ଯାଉଥିବା ରାଜ୍ୟ ସରକାରଙ୍କ ଓଡ଼ିଶା ରାଜ୍ୟ ପରିବହନ ନିଗମର ବସ୍‌ରେ ମାଆ ଓ ଶିଶୁକୁ ସଂକ୍ରମଣ ନ ହେବା ପାଇଁ ଆବଶ୍ୟକ ପଦକ୍ଷେପ, ସ୍ୱାସ୍ଥ୍ୟସେବା ସୁବିଧା ଆଦି ବିଷୟରେ ରଙ୍ଗୀନ ଚିତ୍ର ସମ୍ପନ୍ନ ବିଜ୍ଞାପନର ବାର୍ତ୍ତା ପ୍ରଦାନ ହେଉଛି। ପାରମ୍ପରିକ ଲୋକନୃତ୍ୟ ମାଧ୍ୟମରେ ହେଉ ବା ଗଣମାଧ୍ୟମର ସହଯୋଗରେ ସବୁଠାରେ ଏ ନେଇ ସଚେତନଧର୍ମୀ ପ୍ରଚାର ପ୍ରସାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ବର୍ତ୍ତମାନ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତାର ବ୍ୟବସ୍ଥା ଅନୁଯାୟୀ କୌଣସି ଗର୍ଭବତୀ ମହିଳା ଏଚ୍‌ଆଇଭି ସଂକ୍ରମିତ ଥିବା ଚିହ୍ନଟ ହେବାପରେ ବିନା ମୂଲ୍ୟରେ ଏ.ଆର.ଟି. ପ୍ରଦାନ କରାଯିବା ସହ ଶିଶୁକୁ ନେଭିରାପିନ୍ ଔଷଧ ଦିଆଯାଉଛି। ସେହି ଶିଶୁଟିକୁ ଦେଢ଼ ମାସ ହେବାପରେ ଏଚ୍‌ଆଇଭି ପରୀକ୍ଷା କରାଯାଇ ଜନ୍ମ ହେବାର ୧୮ମାସ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣ ରଖାଯାଉଛି। ପରବର୍ତ୍ତୀ ସମୟରେ ୧୮ମାସ ବୟସରେ ଶିଶୁର ରକ୍ତ ପରୀକ୍ଷଣର ଚୂଡ଼ାନ୍ତ ଫଳାଫଳ ପରେ ଶିଶୁଟି ଏଚ୍‌ଆଇଭି ସଂକ୍ରମିତ କି ନାହିଁ ଜଣାପଡ଼ିଥାଏ। ମା' ଗର୍ଭାବସ୍ଥାରେ ଓ ଶିଶୁଟି ଜନ୍ମ ହେବାପରେ ଯାହାକି ଛଅ ସପ୍ତାହ ପର୍ଯ୍ୟନ୍ତ ନିୟମିତ ଔଷଧ ସେବନ କଲେ ଶିଶୁଟି ସଂକ୍ରମଣ ମୁକ୍ତ ହେବାର ସମ୍ଭାବନା ରହିଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକୀୟ ଜନାଭିମୁଖୀ ଯୋଜନା ନିଶ୍ଚିତ ଭାବରେ ପ୍ରଶଂସନୀୟ। ତେବେ ଏ କ୍ଷେତ୍ରରେ କେବଳ ସରକାରଙ୍କ ଉପରେ ସବୁ କିଛିକୁ ନ୍ୟସ୍ତ କରିଦେଲେ ଦାୟିତ୍ୱ ସରିଯିବନାହିଁ ବରଂ ଜଣେ ଡାକ୍ତର ହୁଅନ୍ତୁ ବା ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ହୁଅନ୍ତୁ ବା ସାଧାରଣ ନାଗରିକଟିଏ ଏପରି ଏକ ଲୋକପ୍ରିୟ ଯୋଜନାକୁ ଫଳପ୍ରଦ କରାଇବାରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

**(ସୌଜନ୍ୟ: ଡାକ୍ତର କାନ୍ତୀ ନାୟକ, ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ସିଟି ହସ୍ପିଟାଲ, କଟକ, ଦୂରଭାଷ : ୯୪୩୭୬୬୬୪୫୩)**


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com



# ମୋ ସହର

## କ୍ଷେତ୍ରପାଳ ବାର୍ଷିକ ନାଟକ ଉତ୍ସବ ଅନୁଷ୍ଠିତ: ମଞ୍ଚସ୍ଥ ହେଲା ନାଟକ 'ଖରାପ ଝିଅର ଗପ'



ଚଣ୍ଡିଖୋଲ, ୧୯/୩ (ପିଏନ): ଚଣ୍ଡିଖୋଲ ନିକଟ କ୍ଷେତ୍ରପାଳ ଗ୍ରାମରେ ବାପୁଜୀ ପଲ୍ଲୀ ଉନ୍ନୟନ ଯୁବ ପରିଷଦ ଆନୁକୂଲ୍ୟରେ ସିଦ୍ଧନାରାୟଣ ଡ୍ରାମାଟିକ କ୍ଲବ ପକ୍ଷରୁ ଦୀର୍ଘ ବର୍ଷର ବ୍ୟବଧାନ ପରେ ବାର୍ଷିକ ନାଟକ ପରିବେଷଣ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶିକ୍ଷକ ପ୍ରଶାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ଦୁଇ ରାତ୍ର ଧରି ଚାଲିଥିବା ଏହି ନାଟକ ପରିବେଷଣ ଗତକାଲି ଉଦଯାପିତ ହୋଇଛି । ଆଖପାଖ ଅଞ୍ଚଳରେ ଦିନେ ନାଟକ ପରିବେଷଣ କରିବାରେ ନାମ କରିଥିବା ଏହି ଗ୍ରାମରେ ଦୀର୍ଘ ୪ବର୍ଷ ହେବ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା । କିନ୍ତୁ ଅଭିନୟ ପ୍ରତି ରୁଚି ରଖିଥିବା ନୂତନ ଯୁବ ପିଢିଙ୍କ ଆନ୍ତରିକତା ଓ ନାଟକ ପ୍ରତି ଆଗ୍ରହ ଯୋଗୁ ପୁଣି ଥରେ ଏହି ଅନୁଷ୍ଠାନ ଚଳିତ ବର୍ଷ ଠାରୁ ଗ୍ରାମ ସତ୍ୟ ନାରାୟଣଙ୍କ ପଡ଼ିଆରେ ଆରମ୍ଭ ହୋଇଯାଇଛି । ନିର୍ଦ୍ଦେଶକ ଧ୍ରୁବଚରଣ ରାଉତଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ସଂପୂର୍ଣ୍ଣ ସାମାଜିକ ଓ ପାରିବାରିକ ସଂଳାପ ଉପରେ ଆଧାରିତ ନାଟକ 'ଜୁଇରୁ ପାଉଁସ ଯେତିକି ଦୂର' ଓ 'ଖରାପ ଝିଅର ଗପ' ରେ ଅଭିନୟ କରିଥିବା ପ୍ରତ୍ୟେକଟି କଳାକାରଙ୍କର ଅଭିନୟ ବେଶ ଉଚ୍ଚକୋଟିର ଥିଲା । ଏହି ଉତ୍ସବକୁ ଚଣ୍ଡିଖୋଲ ବନପାଳ ଶଶୀକାନ୍ତ ବେହେରା, ଆନ୍ତର୍ଜାତିକ ସମୁଦ୍ର ବୁଡ଼ାଳି ସବିର ବକ୍ସ, ସରପଞ୍ଚ ଶାନ୍ତିଲତା ସାହୁ, ସଂପାଦକ ସଂଜୀବ ଖଣ୍ଡାୟୀ ପ୍ରମୁଖ ଉଦଘାଟନ କରି କ୍ଲବର ପୂର୍ବତନ ସଭାପତି ଦଧିଚି ଅନିରୁଦ୍ଧ ସାମନ୍ତରାୟ ଓ ସଂଜୀବ ଦାସଙ୍କ ପ୍ରତିଭା ଓ ତାଙ୍କର ଅବଦାନ ସଂପର୍କରେ ମନେପକାଇ ଥିବା ବେଳେ ଓଡ଼ିଶା ଯାତ୍ରା ଜଗତର ଖଳନାୟକ ଦୈତାରୀ ପଣ୍ଡା ଓ ଲେଖକ ସାନ୍ତନୁ ଓଝା ଉଦଯାପନୀ ଉଦଯାପନୀ ଉତ୍ସବରେ ସାମିଲ ହୋଇ ଅଭିନୟ କରିଥିବା କେତୋଟି ପ୍ରମୁଖ ନାଟକର ଲୋକପ୍ରିୟ ଡାଇଲଗ କହିବା ସହିତ କଳାକାର ମାନେ ନିଜର ପ୍ରତିଭାକୁ ଲୁଚାଇ ନରଖି ସର୍ବସମ୍ମୁଖକୁ ଆଣିବାକୁ ପ୍ରେରଣା ଦେଇ ଥିଲେ । ଏଥିରେ ପଙ୍କଜ, ବାସୁଆ, କାଳିଆ, ଫୁସୁଲି, ବାପିସାର, ମିଙ୍କୁ, ସତ୍ୟ, ଜଗା, ଆନନ୍ଦ ପ୍ରମୁଖ ମଞ୍ଚରେ ସେମାନଙ୍କର ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ । କାର୍ଯ୍ୟକ୍ରମକୁ ଗ୍ରାମବାସୀ ସୁଚାରୁରୂପେ ପରିଚାଳନା କରିଥିଲେ ।

## ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ମାୟୋପିଆ ସଚେତନତା ପାଇଁ 'ମାଇଁସାଇକ୍ଲୋଥନ୍'



ଭୁବନେଶ୍ୱର : ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍(ଏଲ୍‌ଭିପିଇଆଇ), ଭୁବନେଶ୍ୱର ପକ୍ଷରୁ ଶିଶୁ ଏବଂ କିଶୋରମାନଙ୍କଠାରେ ଦେଖାଦେଉଥିବା 'ମାୟୋପିଆ' ବା ନିକଟ ଦୃଷ୍ଟିଦୋଷ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ 'ମାଇଁସାଇକ୍ଲୋଥନ୍'-ବେଟର ହେଲ୍‌ଥ, ବେଟର ସାଇଟ୍ ନାଁ ରେ ଏକ ସାଇକେଲ୍ ଯାତ୍ରା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସକାଳ ୬ଟା ୩୦ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ସଂଗୃହିତ ଅର୍ଥରୁ ମାୟୋପିଆ ସମସ୍ୟାରେ ପୀଡିତ ଶିଶୁ ଏବଂ କିଶୋର, ଯେଉଁମାନେ ଏହାର ଚିକିତ୍ସା କରିବାକୁ ସକ୍ଷମ ନୁହନ୍ତି, ସେମାନଙ୍କର ଚିକିତ୍ସା କରାଯିବା ସହିତ ମାଗଣାରେ ଚଷମା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ମାଇଁସାଇକ୍ଲୋଥନ୍‌ର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି ଜଣାଶୁଣା ଅଭିନେତା ସିଦ୍ଧାନ୍ତ ମହାପାତ୍ର ସେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମେ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ । ମାଇଁସାଇକ୍ଲୋଥନ୍ ଅନ୍ୟ ଦୁଇଟି ପର୍ଯ୍ୟାୟକୁ ଅର୍ଜୁନ ପୁରସ୍କାର ବିଜେତା ମିନତୀ ମହାପାତ୍ର ଓ ଏମ୍‌ସିଏଲ୍‌ର ପ୍ରତିନିଧି ଅରବିନ୍ଦ ସାହୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ସାଇକେଲ ଆରୋହୀଙ୍କ ସମେତ ୪୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ମେଗା କ୍ୟାମ୍ପେନ୍‌ରେ ଅଂଶଗ୍ରହଣ କରିଥିଲେ ।

ମାଇଁସାଇକ୍ଲୋଥନ୍‌ର ଶେଷ ହେବା ପରେ ଏକ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା । ପୋଲିସ୍ କମିସନର ଡକ୍ଟର ସୁଧାଂଶୁ ଷଡଙ୍ଗୀ, ଏମ୍‌ସିଏଲ୍ ଡାଇରେକ୍ଟର ଫିନାନ୍ସ କେ. ଆର୍. ବାସୁଦେବନ୍, ଜେନେରାଲ ମ୍ୟାନେଜର ସିଏସ୍‌ଆର୍ ଏମ୍‌ସିଏଲ୍ ବି ସାଇରାମ୍ ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍, ପଟିଆ କ୍ୟାମ୍ପସ୍ ନିର୍ଦ୍ଦେଶକ ସୂର୍ଯ୍ୟସ୍ନାତ ରଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଉପସ୍ଥିତ ଜନତାଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

## ପଡ୍ୱନ ମୁଞ୍ଜାଲ୍‌ଙ୍କୁ ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍ ସମ୍ମାନ

ଭୁବନେଶ୍ୱର : ବିଶ୍ୱର ବୃହତ୍ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ଲିଃ.ର ଅଧକ୍ଷ, ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପଡ୍ୱନ ମୁଞ୍ଜାଲ୍‌ଙ୍କୁ ଗଲ୍ଫ ଖେଳର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନ ଜନକ ଏସିଆ ଗଲ୍ଫ ହଲ୍ ଅଫ୍ ଫେମ୍-୨୦୧୯ ସମ୍ମାନରେ ସମ୍ମାନୀତ କରାଯଇଛି ।ବାହାମାସ୍ ସ୍ଥିତ ଆଲବାନିଠାରେ ହିରୋ ୱାର୍ଲ୍ଡ ଚ୍ୟାଲେଞ୍ଜ୍ ଅବସରରେ ଟାଇଗର ଉଡସ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ମୁଞ୍ଜାଲ୍ ସେଠାରେ ଯୋଗଦେଇଥିଲେ । ଏହି ସମ୍ମାନ ପ୍ରଦାନ ଉତ୍ସବରେ ଗଲ୍ଫର ଜ୍ୟାକ୍ ନିକ୍‌ଲାସ୍, ଗ୍ରେ ପ୍ଲେୟାର, ଡ. ଡେଭିଡ୍ ଚୁ ପ୍ରମୁଖ ଉପସ୍ଥିତ ଥିଲେ ।ଗତ ୨୦ ବର୍ଷରୁ ଅଧିକ ସମୟ ଧରି ମୁଞ୍ଜାଲ୍ ଗଲ୍ଫର ବିକାଶ ପାଇଁ ବିଶ୍ୱବ୍ୟାପି ପ୍ରୟାସ ଜାରି ରଖିଛନ୍ତି । ତାଙ୍କର ଏଭଳି ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି ।

## ରବିନ୍ଦ୍ରନାଥ ଟାଗୋର୍ ଇଣ୍ଟରନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସି ପକ୍ଷରୁ ଅଙ୍ଗଦାନ ଏବଂ ପ୍ରତିରୋପଣ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯/୦୧: ଶରୀରର ପ୍ରମୁଖ ଅଙ୍ଗମାନଙ୍କରେ ଅନେକ ପ୍ରକାର ରୋଗ ଦେଖାଦେଉଛି,ଯାହାଦ୍ୱାରା ଅନେକ ରୋଗୀଙ୍କର ଅକାଳରେ ମୃତ୍ୟୁ ଦେଖିବାକୁ ମିଳୁଛି ସେହି ସମୟରେ ଅଙ୍ଗ ପ୍ରତିରୋପଣ ଏକ ସହଜ ଉପାୟ ଯାହାଦ୍ୱାରା ରୋଗୀକୁ ବଚାଂଇହେବ, କିନ୍ତୁ ସଠିକ୍ ତଥ୍ୟ, ଅଙ୍ଗପ୍ରତିରୋପଣ ଇତ୍ୟାଦିର ସୁବିଧାରୁ ଅନେକ ରୋଗୀ ବଚିଂତ ହେଉଛନ୍ତି । ନିକଟରେ ଏକ ନିରିକ୍ଷଣରୁ ଜଣାପଡିଛି ଯେ, କାର୍ଡିଆକ୍ ଆରେଷ୍ଟ ଦ୍ୱାରା ପ୍ରତିବର୍ଷ ପାଖାପାଖି ୯୦୦୦ରୁ ଉର୍ଦ୍ଧ ରୋଗୀ ନିଜ ପ୍ରାଣ ହରାଉଛନ୍ତି, ଏହା ସହିତ ଏନ୍.ଏ.ଏଫ୍.ଏଲ୍.ଡି (ନନ୍-ଆଲକୋହୋଲିକ୍ ଫ୍ୟାଟି ଲିଭର ଡିଜିଜ୍) ମଧ୍ୟ ଓଡିଶାରେ ବ୍ୟାପିବାରେ ଲାଗିଛି । ଏହିପରି ଏକ ଦୃଢ ସମସ୍ୟାର ସମାଧାନ ଏବଂ ସ୍ୱଚ୍ଛାକୃତ ଅଙ୍ଗଦାନ ପ୍ରତି ଜାଗରଣ ସୃଷ୍ଟି କରିବା ପାଇଁ ରବିନ୍ଦ୍ରନାଥ ଟାଗୋର୍ ଇ???ରନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏଠାରେ ଡଃ. ଆୟାନ କର, ହୃଦ୍‌ରୋଗ ବିଶେଷଜ୍ଞ (ଆର୍.ଟି.ଆଇ.ଆଇ.ସି.ଏସ୍-କୋଲକାତା) ଏବଂ ଡଃ. ସନ୍ଦିପ୍ ପାଲ୍, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଶେଷଜ୍ଞ (ଆର୍.ଟି.ଆଇ.ଆଇ.ସି.ଏସ୍-କୋଲକାତା) ଉପସ୍ଥିତ ରହି ଚର୍ଚ୍ଚାକରିଥିଲେ ।

ଡଃ. କର କହିଛନ୍ତି ଯେ, " ଅନ୍ୟ ଅଙ୍ଗପ୍ରତିରୋପଣ ଅପେକ୍ଷା ହାର୍ଟ ଟ୍ରନ୍ସପ୍ଲା???ସନ୍ ଜଟିଳ ହୋଇଥାଏ, କାରଣ ଏହି ପ୍ରକ୍ରିୟାରେ ଡୋନର ମୃତ ଥାଏ । ଅନ୍ୟପକ୍ଷେ ଅତ୍ୟାଧୁନିକ ଜ୍ଞାନକୌଷଳ ଏହି ପ୍ରକ୍ରିୟାକୁ ସହଜ କରିଦେଇଛି, କିନ୍ତୁ ଏବେମଧ୍ୟ ସଚେତନତା ଅଭାବରୁ କିଛି ରୋଗୀମାନେ ଏହାର ସୁବିଧା ନେଇପାରୁନାହାନ୍ତି । ଦେଶରେ ହୃଦରୋଗ ଜନିତ ମୃତ୍ୟୁର ସଂଖ୍ୟା ଅନ୍ୟ ଅପେକ୍ଷା ବହୁତ ଅଧିକ । ଜଣେ ମଣିଷ ନିଜ ଅଙ୍ଗଦାନ କରିବାଠାରୁ ମହତପଣିଆ କିଛିନାହିଁ, ଅଙ୍ଗଦାନ କରିବାଦ୍ୱାରା ସେ ମୃତ୍ୟୁପରେ ମଧ୍ୟ ଅନ୍ୟକୁ ନୂତନ ଜୀବନଦାନ ଦେଇଯାଇଥାଏ ।"

ଏକ ସୁସ୍ଥଜୀବନ ଯାପନ କରିବା ପାଇଁ ସୁସ୍ଥ ହାର୍ଟ, କିଡ୍‌ନ୍ନି ଏବଂ ଲିଭର ଇତ୍ୟାଦି ସଠିକ୍ ଭାବେ କାର୍ଯ୍ୟକରିବା ନିହାତି ଆବଶ୍ୟକ, ସେହିପରି ଅଙ୍ଗଦାନ କରୁଥିବା ବ୍ୟକ୍ତି ମଧ୍ୟ ସୁସ୍ଥ ରହିବା ଆବଶ୍ୟକ ।

ଏହି ଟ୍ରାନ୍ସପ୍ଲାଣ୍ଟବିଷୟରେ ଡଃ. ସନ୍ଦିପ୍ ପାଲ୍ କହିଛନ୍ତି, " ଗମ୍ଭିର ରୋଗରେ ପିଡିତ ଥିବା ଅବସ୍ଥାରେ ଯେବେ ଶରୀରର ଅଙ୍ଗପ୍ରତ୍ୟେଙ୍ଗ ପ୍ରଚଳନରେ ଅସୁବିଧା ଦେଖାଦିଏ କିମ୍ବା ବନ୍ଦହୋଇଯାଏ , ସଙ୍ଗେସଙ୍ଗେ ଡାଃକ୍ତରଙ୍କ ପରାମର୍ଶନେଇ ଅଙ୍ଗପ୍ରତିରୋପଣ କରାଇନେବା ଅବଶ୍ୟକ । ଯେଉଁମାନେ ଅଗରୁ ଅଙ୍ଗପ୍ରତିରୋପଣ କରିଛନ୍ତି, ସେମାନେ ମଧ୍ୟ ସଠିକ୍ ସମୟରେ ଡାଃକ୍ତରଙ୍କ ପରାମର୍ଶ, ସଠିକ୍ ଚିକିତ୍ସାରେ ରହିବା ନିହାତି ଆବଶ୍ୟକ ।"

ବହୁସମୟଧରି ଦେଶରେ ଏହିପରି ଅନେକ ସମସ୍ୟା ଦେଖାଦେଉଛି, ଏହି ଦିଗରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ । ଏହାଛଡା ଆଜିକାଲିର ଅନିୟମିତ ଜୀବନଶୈଳୀ, ଅତ୍ୟଧିକ ମଦ୍ୟପାନ ତଥା ଅନ୍ୟାନ୍ୟ ନିଶା ଦ୍ରବ୍ୟ ସେବନ କାରଣ ଏବଂ କିଛିକ୍ଷେତ୍ରରେ ବଂଶଗତ ମଧ୍ୟ ଏହି ରୋଗ ଦେଖାଦେଇଥାଏ । ଏହି ସମ୍ମିଳନୀ ପରେ ଆଇ.ଏମ୍.ଏରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଥିରେ ଡଃ. କର ଏବଂ ଡଃ. ପାଲ୍ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଙ୍ଗଦାନ ଏବଂ ପ୍ରତିରୋପଣ ବିଷୟରେ ସଚେତନ କରିଥିଲେ ।

## ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନର ୫ମ ସଂସ୍କରଣ ରେ ଅଂଶଗ୍ରହଣ କଲେ ଦେଶର ବିଭିନ୍ନ ଭାଗରୁ ୫୦୦୦ ପ୍ରତିଯୋଗୀ



ଭୁବନେଶ୍ୱର : ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ (ଟିଏସ୍‌ବିଏଚଏମ) ୫ମ ସଂସ୍କରଣ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆଜି ଏଠାରେ ଅନୁଷ୍ଠିତ ହୋଇଯାଇଛି । ମହିଳା ବର୍ଗରେ ସମସାସ୍ ଆରା ବେଗମ ଓ ପୁରୁଷ ବିଭାଗରେ ଶଙ୍କାରମଣ ଥାପା ବିଜେତା ଘୋଷିତ ହୋଇଛନ୍ତି । ଏହି ୨୧ କି.ମି ବ୍ୟାପୀ ହାଫ୍ ମାରାଥନ ଦୌଡ଼କୁ ମହିଳା ବିଜେତା ୦୧:୨୩:୪୦ ଓ ପୁରୁଷ ବିଜେତା ୦୧: ୦୬:୫୯ ସମୟରେ ଶେଷ କରିବା ସହ ଚଳିତ ବର୍ଷ ନୂଆ ଟିଏସ୍‌ବିଏଚଏମ ରେକର୍ଡ଼ ପ୍ରତିଷ୍ଠା କରିଛନ୍ତି ।ଟିଏସ୍‌ବିଏଚଏମ ୨୦୨୦ରେ ୩ଟି ପ୍ରତିଯୋଗିତା ଦୌଡ଼ ରହିଛି । ୨୧ କି.ମି (ହାଫ୍ ମାରାଥନ) ୧୮ରୁ ବା ଅଧିକ ବୟସର ଉଭୟ ମହିଳା ଓ ପୁରୁଷଙ୍କ ପାଇଁ , ୧୫ ବର୍ଷ ବା ଅଧିକ ବୟସ ପୁରୁଷ ଓ ମହିଳାଙ୍କ ପାଇଁ ୧୦ କି.ମି ଦୌଡ଼, ୧୨ ରୁ ୧୬ ବର୍ଷ ବୟସ ମଧ୍ୟରେ ଥିବା ବାଳକ, ବାଳିକାଙ୍କ ପାଇଁ ୫ କି.ମି ଦୌଡ଼ । ୩ ବର୍ଗର ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୫ ଜଣ ଲେଖାଁଏ ବିଜେତାଙ୍କୁ ସର୍ବମୋଟ ୮.୬୪ ଲକ୍ଷ ଟଙ୍କା ପୁରସ୍କାର ରାଶି ବିତରଣ କରାଯାଇଥିଲା । ୨୧.୦୯୭ କି.ମି ଦୁଇ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଁଏ ପୁରସ୍କାର ଅର୍ଥ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ବିଜ୍ଞାନ, ପ୍ରଯୁକ୍ତି ଓ ସରକାରୀ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (କେନ୍ଦ୍ର), ଓଡ଼ିଶା ସରକାରଙ୍କ କ୍ରୀଡ଼ା ଯୁବ ସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶାର ପିସିସିଏଫ ଆଇଏଫଏସ ଡକ୍ଟର ସନ୍ଦୀପ ତ୍ରିପାଠୀ, ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନର ସିଏମଡି ଆଇପିଏସ ଶ୍ରୀଯୁକ୍ତ ଲଳିତ ଦାସ, ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ଦେବିଦତ ବିଶ୍ୱାଳ (ଆଇଏଫଏସ), ଦ୍ୱୈତ ନଗରୀ ପୁଲିସ କମିଶନରେଟର ଟ୍ରାଫିକ୍ ଡ଼ିସିପି ସାଗରିକା ନାଥ, ଟାଟା ଷ୍ଟିଲ କର୍ପୋରେଟ ସେବା ଉପସଭାପତି ଚାଣକ୍ୟ ଚୌଧୁରୀ, ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ ସେବା ସାଧାରଣ ପରିଚାଳକ ଆର.ଆର.ଶତପଥି, ଟାଟା ଷ୍ଟିଲ ବିଏସଏଲର କର୍ପୋରେଟ ସେବା ମୁଖ୍ୟ ମଣିକାନ୍ତ ନାୟକ, ଟାଟା ଷ୍ଟିଲର ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ ଦେବାଶିଷ ଜେନାଙ୍କ ସମେତ କଂପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, କଳାକାର ସୁଶ୍ରୀ ଅର୍ଚ୍ଚିତା ସାହୁ ଓ ସବ୍ୟସାଚୀ ମିଶ୍ର ଉପସ୍ଥିତ ଥିଲେ ।

ଟିଏସବିଏଚଏମ୍ ୨୦୨୦ର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଟାଟା ଷ୍ଟିଲ କର୍ପୋରେଟ୍ ସର୍ଭିସେସ୍‌ର ଉପ ସଭାପତି ଶ୍ରୀଯୁକ୍ତ ଚାଣକ୍ୟ ଚୌଧୁରୀ କହିଛନ୍ତି ଯେ, "ଓଡ଼ିଶା ସରକାରଙ୍କ ସହିତ ମିଶି ରାଜ୍ୟର କ୍ରୀଡ଼ାପ୍ରେମୀଙ୍କ ପାଇଁ ପୁଣି ଭୁବନେଶ୍ୱର ହାଫ ମାରାଥନର ପୁଣି ଏକ ସଫଳ ସଂସ୍କରଣ ଆୟୋଜନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ । ଗୋଷ୍ଠୀ ସମ୍ପର୍କ ପାଇଁ କ୍ରୀଡ଼ା ଓ ସାଂସ୍କୃତିକ ଅଭିଯାନର ପ୍ରସାର କରିବା ଲାଗି ଆମର ଧାର୍ଯ୍ୟ ରହିଥିବା ଦର୍ଶନ ଅନୁସାରେ ଏହି ମାରାଥନ୍ ଆୟୋଜନ କରାଯାଇଛି । ଦେଶର କ୍ରୀଡ଼ା ସ୍ଥଳୀ ଭାବେ ଭୁବନେଶ୍ୱର ଦ୍ରୁତ ଗତିରେ ଉଦୀୟମାନ ହେଉଛି ଏବଂ ଏହି ଦୌଡ଼ ପାଇଁ ପଂଜୀକରଣରେ ହୋଇଥିବା ବୃଦ୍ଧି ବିଶେଷ କରି ସାରା ଦେଶରୁ ଆସିଥିବାରୁ ଆମେ ବହୁତ ଖୁସି ।

## କରୋନା ସଂକ୍ରମଣ ସଚେତନତା ସମ୍ପର୍କରେ ସମୀକ୍ଷା

ବାଲେଶ୍ୱର(ପିଏନ)-ଆଜି ଅପରାହ୍ନରେ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାରେ କରୋନା ସଂକ୍ରମଣକୁ ରୋକିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅନନ୍ତ ଦାସ, ମାନ୍ୟବର ଜଳେଶ୍ୱର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ ପାତ୍ର, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମଦନମୋହନ ଦତ, ମାନ୍ୟବର ବସ୍ତା ବିଧାୟକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ସାହୁ, ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡା, ଜିଲ୍ଲାପାଳ ଶ୍ରୀଯୁକ୍ତ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ବି. ଯୁଗଳ କିଶୋର, ମାନ୍ୟବର ନୀଳଗିରି ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଗଙ୍ଗାଧର ମିଶ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀଯୁକ୍ତ ବାନାର୍ଜୀ ପ୍ରସାଦ ଛୋଟରାୟ ଜିଲ୍ଲାରେ କରୋନା ସଂକ୍ରମଣ ସଂପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ କରୋନା ଭୂତାଣୁ ସଂକ୍ରମଣ ବାବଦରେ ଜିଲ୍ଲାସ୍ତରରୁ ପଂଚାୟତ ସ୍ତର ପର୍ଯ୍ୟନ୍ତ କିଭଳି ସଚେତନ କରାଯାଉଛି, ବ୍ୟାନର, ଲିଫଲେଟ ଓ ପୋଷ୍ଟର ଇତ୍ୟାଦି କିଭଳି ଜନସାଧାରଣଙ୍କ ମଧ୍ୟରେ ବଂଟନ କରାଯାଉଛି ସେ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅବଗତ କରିଥିଲେ । ସେହିପରି ବିଦେଶରୁ ଓ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କୁ ଅଲଗା ରଖିବା ନିମନ୍ତେ କିଭଳି ବ୍ୟବସ୍ଥା କରାଯାଇଛି, ବାରମ୍ବାର ହାତ ଧୋଇବା ଓ ସାମାଜିକ ଦୂରତ୍ୱ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉପରେ ସ୍ୱାସ୍ଥ୍ୟକର୍ମୀଙ୍କ ମାଧ୍ୟମରେ କିଭଳି ସଚେତନ କରାଯାଉଛି, ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ କି ପଦକ୍ଷେପ ନିଆଯାଇଛି ତାହା ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ଶ୍ରୀ ରାମଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଚଣ୍ଡିଖୋଲ ଠାରେ କରୋନା ସଚେତନତା କାର୍ଯ୍ୟକ୍ରମ



ଚଣ୍ଡିଖୋଲ, ୧୯/୩ (ପିଏନ): ଆଜି ଚଣ୍ଡିଖୋଲ ଠାରେ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ଓ ବଡ଼ଚଣା ଥାନ ପକ୍ଷରୁ ମିଳିତ ସହଯୋଗରେ ଏକ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଚାଚାଲିନ ସ୍ୱାଇଁ କରୋନା ସଚେତନତା ରଥକୁ ଉଦଘାଟନ କରିଥିଲେ । ଏହି ସଚେତନତା ରଥ ସୁଙ୍ଗୁଡ଼ା, ନିଶିମଳା, ନୂଆ ସୁଙ୍ଗୁଡ଼ା, ଖୋସାଲିପୁର ଆଦି ଗ୍ରାମ ପରିକ୍ରମା କରି ଡ଼ାକ ବାଜି ମାଧ୍ୟମରେ ଲୋକ ମାନଙ୍କୁ କରୋନା ଭୂତାଣୁ ସଂକ୍ରମରରୁ ସୁରକ୍ଷା ପାଇଁ ମୁହଁରେ ମାସ୍କ ପିନ୍ଧିବା, ହାତ ଧୋଇବା, କାସ ଓ ଛିଙ୍କ ସମୟରେ ମୁହଁକୁ ଘୋଡ଼ାଇବା, ପରିଛନ୍ନତା, କୀଟାଣୁ ନାଶକ ଦ୍ୱାରା ଘରକୁ ସଫା ରଖିବା, ସଂକ୍ରମିତ ଲୋକ ଠାରୁ ଦୂରତା ବଜାୟ ରଖିବା, ଜନଗହଳି ଓ ବିବାହ ଆଦି ସାମାଜିକ ଅନୁଷ୍ଠାନରେ ଗହଳି ନକରିବା ଆଦି ଉପରେ ଜନ ସଚେତନତା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବଡ଼ଚଣା ଥାନା ଅଧିକାରୀ ଦୀପକ କୁମାର ଜେନା, ଏସ ଆଇ ଜ୍ୟୋତିରଂଜନ ମହାପାତ୍ର, ଚଣ୍ଡିଖୋଲ ଫାଣ୍ଡୀ ଅଧିକାରୀ ସୁଶୀଲ କୁମାର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମଲିକ, ପଲ୍ଲୀମଙ୍ଗଳ ସେବା ସମବାୟ ସମିତିର ସଭାପତି ସଂଜୟ ସ୍ୱାଇଁ, ନାଏବ ସରପଂଚ ମସିର ଆଲାମ, ସାମ୍ବାଦିକ ସେକ ସବିରୁଦ୍ଦିନ, ଅରୁଣ ନାୟକ, ପ୍ରିୟବ୍ରତ ଖିଲାର ପ୍ରମୂଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ୍ୟୁ

ଚଣ୍ଡିଖୋଲ, ୧୯/୩ (ପିଏନ): ଆଜି ଅପରାହ୍ଣ ୪ଘଟିକା ସମୟରେ ପାରାଦୀପ - ଦୈତାରୀ ୫୩ ନମ୍ବର ଜାତୀୟ ରାଜପଥର ମହାବିନାୟକ ବାଇପାସ ନିକଟରେ ଅବସ୍ଥିତ କୋଣାର୍କ ଢାବା ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଘଟଣା ରୁ ପ୍ରକାଶ ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ଦେବତା ସାହିର ପ୍ରହ୍ଲାଦ ପାତ୍ରଙ୍କ ପୁଅ ମିହିର ରଂଜନ ସାମଲ ଶୁଭଦ୍ରାପୁର ଛକ ପାଖରେ ଥିବା କୋଣାର୍କ ଢାବା ସାମନା ରାଜପଥ ଉପରେ ଆଜି ସଂନ୍ଧ୍ୟାରେ ଦୁର୍ଘଟଣା ଘଟି ଜଣେ ଯୁବକର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ମୃତ ଯୁବକ ସମିର ରଂଜନ ପାତ୍ର ବୟସ ୩୦ଙ୍କ ଘର ଧାନମଣ୍ଡଳ ଦେବତାସାହି ଗ୍ରାମରେ । ସେ ଏକ ସ୍କୁଟି ଯୋଗେ ଚଣ୍ଡିଖୋଲ ଆଡ଼କୁ ଯାଉଥିବା ବେଳେ ଏକ ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା । ଗୁରୁତର ସମୀରଙ୍କୁ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଯୁବକ ଜଣଙ୍କ ଚଣ୍ଡିଖୋଲ ଛକରେ ଏକ ଦୋକାନରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ ।

## ଖାସବାହାଲ ପଂଚାୟତସ୍ତରୀୟ ରୋଜଗାର ଦିବସ ପାଳିତ

ନୂଆପଡ଼ା, (ପିଏନ)-ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତ କାର୍ଯ୍ୟାଳୟର ରାଜୀବଗାନ୍ଧୀ ସେବାକେନ୍ଦ୍ର ଠାରେ ଖାସବାହାଲ ପଂଚାୟତସ୍ତରୀୟ ରୋଜଗାର ଦିବସ ବୁଧବାର ପାଳିତ ହୋଇଯାଇଛି । ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ଚରଣ ମେହେର ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବରେ ସରପଂଚ ଯମୁନା ବାଗ, ସ୍ୱେଚ୍ଛାସେବୀ ପ୍ରେମଲାଲ ବାଗ, ସାମ୍ବାଦିକ କୁନାଲ ଚରଣ ବେହେରା, ଗ୍ରାମ ରୋଜଗାର ସେବକ ପିତାମ୍ବର ଜୁଆଡ ପ୍ରମୁଖ ଯୋଗଦାନ କରିଥିଲେ ।

ଏହି ଅବସରରେ ପଂଚାୟତର ସାମୁହିକ କାମ, ବ୍ୟକ୍ତିଗତ କାମ, ଶ୍ରମିକଙ୍କ ସୁବିଧା, ଅସୁବିଧା, ମନରେଗା ଯୋଜନା, ଠିକ ସମୟରେ ମନରେଗା ଯୋଜନାର ପାଉଣା ପ୍ରଦାନ ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ହେମନ୍ତ କୁମାର ବେହେରା, ଫାଲଗୁନୀ ହଂସ, ଯଶୋବନ୍ତ ହଂସ, କୁନୁଚରଣ ବେହେରା, ଦୁର୍ଯ୍ୟୋଧନ ହଂସ, ବିଷ୍ଣୁଚରଣ ବେହେରା, ଜଗତ ଟାହାଣି ସମେତ ପଂଚାୟତର ଅନ୍ୟାନ୍ୟ ସଦସ୍ୟ ଯୋଗଦାନ କରିଥିଲେ ।

### କରୋନା ସଚେତନତା କାର୍ଯ୍ୟକ୍ରମ

## ଲୋକମାନେ ସହଯୋଗ କରିବା ପାଇଁ ଜିଲ୍ଲାପାଳଙ୍କ ନିବେଦନ

ପୁରୀ ,(ପିଏନ)- ଶ୍ରୀକ୍ଷେତ୍ର ବିଶ୍ୱ ପର୍ଯ୍ୟଟନ ଓ ଧାର୍ମିକ କ୍ଷେତ୍ର ହୋଇଥିବାରୁ ଏହାର ସୁରକ୍ଷା ଆବଶ୍ୟକତା ହୋଇପଡିଛି । ଜିଲ୍ଲାବାସୀମାନେ ସ୍ୱଚ୍ଛତା ଓ ସମଦୂରତା ରକ୍ଷାକରି କୋଭିଡ-୧୯ର ମୁକାବିଲା କରିବା ପାଇଁ ଜିଲ୍ଲାପାଳ ବଲବନ୍ତ ସିଂ ନିବେଦନ କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ଘରେ କିମ୍ବା ବାହାରେ ଦୂରତା ରକ୍ଷା କରିବା, ମୁହଁରେ ମାକ୍ସ କିମ୍ବା ରୁମାଲ ବାନ୍ଧିବା, କାର୍ଯ୍ୟରତ ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀ ସଚେତନ ରହିବାକୁ ନିବେଦନ କରିଛନ୍ତି । ହାତକୁ ଭଲଭାବେ କିପରି ଧୂଆଯିବ ସେ ସଂପର୍କରେ ଲୋକମାନଙ୍କୁ ପ୍ରଦର୍ଶିତ କରାଯିବ । ଯେତେଦୂର ସମ୍ଭବ ପରିବାରର ବରିଷ୍ଠ ଲୋକମାନେ ବାହାରକୁ ନଯିବା ପାଇଁ ପରାମର୍ଶ ଦେଇଛନ୍ତି । ଅତି ଆବଶ୍ୟକୀୟ କାମ ପଡିଲେ ଯୁବକମାନେ ବାହରକୁ ଯାଇପାରିବେ । ସମସ୍ତେ ମାକ୍ସ ବ୍ୟବହାର କରିବା ସହ ସାବୁନରେ ଭଲକରି ହାତ ଧୋଇବା ପାଇଁ ନିବେଦନ କରିଛନ୍ତି । ଅଜଣା ଲୋକସହ ହାତ ମିଳାଇବା ବନ୍ଦ କରିବାକୁ ଜିଲ୍ଲାପାଳ କହିଛନ୍ତି । ଏ ସଂପର୍କରେ ଜିଲ୍ଲାରେ ବିଭିନ୍ନ ପଂଚାୟତ, ବ୍ଲକ, ଡାକ୍ତରଖାନାରେ ପ୍ରଚାର ପ୍ରସାର କରାଯାଉଛି ।

ଚିଲିକା ପାଇଁ କରୋନା ଗାଇଡ ଲାଇନ୍ : ପୁରୀଜିଲ୍ଲାର କୃଷ୍ଣପ୍ରସାଦ ଅଂଚଳରେ ଥିବା ୧୪ଟି ପଂଚାୟତ ଓ ଚିଲିକାରେ ଯାଆସ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଇଡ ଲାଇନ୍ ପ୍ରଚଳନ କରାଯାଇଛି । ଏହି ଗାଇଡ୍ ଲାଇନ ଅନୁସାରେ ଭସାପୋଲରେ ତାର ଦକ୍ଷତା ମଧ୍ୟରେ ଏକ ତୃତିୟାଂଶ ଯାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ବସାଇ ନେବା ପାଇଁ ନିର୍ଦ୍ଦେଶ ହୋଇଛି । ସେହି ପ୍ରାଇଭେଟ ବୋଟମାନେ ସେହି ନିୟମ ମଧ୍ୟ ମାନିବେ । ଯେଉଁମାନେ ନିୟମ ଉଲ୍ଲଙ୍ଘନ କରିବେ ସେମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

